ବ୍ୟାସକବି ଫକୀରମୋହନ ସେନାପତିଙ୍କ

ମୁଁ ହାଟ ବାହୁଡ଼ା

• ନାଟ୍ୟରୂପ

ଚନ୍ଦ୍ରେନ୍ଦ୍ର ମହାପାତ୍ର

Digitized by PPRACHIN, SOA

ଓଡ଼ିଆ ଭାଷାରେ ପ୍ରଥମଥର ପାଇଁ ବ୍ୟାସକବିଙ୍କର

କୌଣସି ଏକ କବିତାର ନାଟ୍ୟରୂପ

ସଂପୂର୍ଣ୍ଣ ନୂତନ ଶୈଳୀର

ହାସ୍ୟ-ବ୍ୟଙ୍ଗଭରା ନାଟକ

ମୁଁ ହାଟ ବାହୁଡା

ମୂଳ କବିତା :-ବ୍ୟାସକବି ଫକୀରମୋହନ ସେନାପତି

ନାଟ୍ୟରୂପ :- ହେମେନ୍ଦ୍ର ମହାପାତ୍ର

Digitized by PPRACHIN, SOA

ମୁଁ ହାଟ ବାହୁଡା
(ନାଟକ)

ମୂଳକବିତା:-

ବ୍ୟାସକବି

ଫକୀରମୋହନ ସେନାପତି

ନାଟ୍ୟରୂପ:-

ଶ୍ରୀ ହେମେନ୍ଦ୍ର ମହାପାତ୍ର

'ଚନ୍ଦ୍ରଶାଳା'

ସୁନହଟ, ବାଲେଶ୍ୱର

ପ୍ରକାଶିକା:-

ଶ୍ରୀମତୀ ସୁଷମା ମହାପାତ୍ର

ସୁନହଟ, ବାଲେଶ୍ୱର

ପ୍ରକାଶକାଳ:-ତା ୧୪ । ୧ । ୧୯୯୭ ଖ୍ରୀ

ଫକୀରମୋହନ ଜୟନ୍ତୀ

ପ୍ରଚ୍ଛଦଶିଳ୍ପୀ:-

ବ୍ରଜ ଷଡଙ୍ଗୀ

ମୁଦ୍ରଣ-:-

ରଘୁନାଥ ପ୍ରେସ, ବାଲେଶ୍ୱର

ମୂଲ୍ୟ-**କୋଡ଼ିଏ ଟଙ୍କା ମାତ୍ର**

ବଶୋଭନ:-**ପଚିଶ ଟଙ୍କା ମାତ୍ର**

MOO HATA BAHUDA
(PLAY)

Written by:-

Vyasakabi Fakirmohan Senapati

Dramatised by

Sri Hemendra Mohapatra

"CHANDRASALA"

Sunhat, Balasore

Published by:-

Smt Sushama Mohapatra

Sunhat, Balasore

Cover designed by

Braja Sarangi

Printed by

Raghunath Press, Balasore

Price-Rs. twenty only

Bound-Rs. twenty five only

Digitized by PPRACHIN, SOA

'ହାଟବାହୁଡା' ସେନାପତି ହେ-

ଆମ୍ଭ ପ୍ରଣାମ ସେନବା ହେବେ,
ତୁମ୍ଭ ଗୋଚରାର୍ଥେ ଜଣାଉଛୁଁ ।
ଏ ସଂସାର ହାଟରେ ତୁମ୍ଭେ ତ ଯାହା କଲ,
କଅଣ ଆଉ ବଖାଣିବୁ ?
ରେବତୀକୁ ପାଠ ପଢେଇ ତାକୁ ସବଂଶ ବୈକୁଣ୍ଠବାସୀ କଲ ।
ସୁଲୋଚନାଙ୍କ ହାତରେ ସ୍ୱର୍ଣ୍ଣ ମୂର୍ତ୍ତି ଧରେଇ
ଚନ୍ଦ୍ରମଣି ସାଆନ୍ତଙ୍କ ନିଶା ଛଡ଼େଇ ଦେଲ,
ଆଉ ମଙ୍ଗରାଜଙ୍କୁ ଚମ୍ପାପାଲରେ ପକେଇ ଯୋଉ ହଇରାଣ କଲ,
ବିଚରା ଭଗିଆ ସାରିଆ ହାୟ ହାୟ ... ...
କିସ୍ ମିସ୍ ମାହାପାତ୍ର ଅବା ଗୋପାଳ ବାବୁଙ୍କ
ଇଂରାଜୀ ଧର୍ଷି ପ୍ରସଙ୍ଗ ବୋଧ କରୁଁ ମନେ ଥିବ,
ଅବଦୁଲ ଶୁଭାନ୍ ଖାଁ,
ବାବୁ କଣାରାମ ସିଂହଙ୍କ ବାରେଇ ବିଶାଳ ଆଉ ପଦ୍ମା ଭଣ୍ଡାରୁଣୀ
ସଭିଏଁ ତ ଏଇଠି ଏ ସଂସାର ହାଟରେ
ସ୍ୱ-ସ୍ୱ ଗଣ୍ଠିଲି ସଜାଡ଼ିବାରେ ବ୍ୟସ୍ତ,
ଆମ୍ଭେ ଅବା କରନ୍ତୁ କିସ ?
ତୁମ୍ଭର ଗୃହକୁ ଅନିଶା କରି ବୁଲୁବୁଲୁ ତୁମ୍ଭ ଗଣ୍ଠିଲିଟା ନଜର କଲୁଁ,
ତୁମ୍ଭ ହାଟ-ମାଲ ଟିକ ହସ୍ତଗତ କଲୁଁ,
କିନ୍ତୁ ଏତେ ମାଲ ଆମ୍ଭେ କରିବୁ କିସ,
ଏଇ ହାଟରେ ତୁମ୍ଭର ଗୃହରେ ଅଜାଡ଼ି ଦେଲୁ,
ଯାହା କରୁଛ କର ।

ନାଟ୍ୟକାର

Digitized by PPRACHIN, SOA

ଓଡ଼ିଶାର ଅନ୍ୟତମ ଅଗ୍ରଣୀ ନାଟ୍ୟ ସଂସ୍ଥା
'ସ୍ରଷ୍ଟା' ବାଲେଶ୍ୱର ଦ୍ୱାରା
ଅଭିନୀତ କେତୋଟି ସ୍ମରଣୀୟ ସଂଧ୍ୟା

ଉଦ୍‌ଘାଟନୀ ସଂଧ୍ୟା:- ତା ୧୩ । ୧ । ୧୯୯୩
ବ୍ୟାସକବି ଫକୀରମୋହନ ସେନାପତିଙ୍କ ଏକଶତ ପଚାଶତମ ଜନ୍ମ ଜୟନ୍ତୀର ଉଦ୍‌ଯାପନୀ ସଂଧ୍ୟା
ଗାନ୍ଧୀସ୍ମୃତି ଭବନ, ବାଲେଶ୍ୱର

ଦ୍ୱିତୀୟ ସଂଧ୍ୟା:- ତା ୧୦ । ୨ । ୧୯୯୩
ମୁନ୍ସୀଲାଲ ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଳନରେ
ଉଦ୍‌ଘାଟନୀ ସଂଧ୍ୟା
ନବୀଶିଂଗା, ମୟୂରଭଞ୍ଜ

ତୃତୀୟ ସଂଧ୍ୟା:- ତା ୧୪ । ୧ । ୧୯୯୪
ଫକୀରମୋହନ ସାହିତ୍ୟ ପରିଷଦ ଆୟୋଜିତ
ଫକୀରମୋହନ ଜୟନ୍ତୀର ଉଦ୍‌ଘାଟନୀ ସଂଧ୍ୟା
ଟାଉନହଲ, ବାଲେଶ୍ୱର

ଚତୁର୍ଥ ସଂଧ୍ୟା:- ତା ୧୪ । ୬ । ୧୯୯୫
ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର
ଊନବିଂଶତିତମ ଉଦ୍‌ଯାପନୀ ସଂଧ୍ୟା
ରାଷ୍ଟ୍ରଦୂତ ଭବନ ପରିସର, ବାଲେଶ୍ୱର

ପଞ୍ଚମ ସଂଧ୍ୟା:- ତା ୧୮ । ୬ । ୧୯୯୬
ଓଡ଼ିଶା ଲେଖିକା ସଂସଦର
ବାଲେଶ୍ୱର ଅଧିବେଶନରେ ଉଦ୍‌ଘାଟନୀ ସଂଧ୍ୟା
ଗାନ୍ଧୀସ୍ମୃତି ଭବନ, ବାଲେଶ୍ୱର

ଏମିତି ଆହୁରି ଅନେକ ସଂଧ୍ୟାର ସ୍ମରଣୀୟ ନାଟକ
ମୁଁ ହାଟ ବାହୁଡ଼ା
ଯାହାର ଚରିତ୍ର ମାନେ ହେଲେ:-
ଫକୀର ମୋହନ, ମକରା, ଗ୍ରେକଡ଼, ଗ୍ରେକଡ଼, ଶିଷ୍ୟାଧାରୀ, ଜଜ୍, ପେସ୍କାର, ପ୍ରଥମ ଓକିଲ, ଦ୍ୱିତୀୟ ଓକିଲ, ଓ ନାସୀ

Digitized by PPRACHIN, SOA

ମୁଖ ବନ୍ଧ ପ୍ରସଙ୍ଗରେ

ଓଡ଼ିଆ ନାଟ୍ୟ ସାହିତ୍ୟର ବରିଷ୍ଠ ସମାଲୋଚକ **ଡକ୍ଟର ହେମନ୍ତ କୁମାର ଦାସ** ଯାହା କହନ୍ତି

'ମୁଁ ହାଟବାହୁଡ଼ା' ର ନାଟ୍ୟରୂପ ସମ୍ପର୍କରେ:-

"ମୁଁ ହାଟବାହୁଡ଼ା" କବିତା ସେନାପତିଙ୍କର 'ଅବସର ବାସରେ' (୧୯୦୮) ପୁସ୍ତକରେ ସଙ୍କଳିତ, କବିତାର ସ୍ୱର ସଂଗୃହିତ ହୋଇଛି ବଂଗୀୟ ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କର "ବଡ଼ୋବାଜାର" ଗଦ୍ୟରଚନାରୁ । ଫକୀରମୋହନଙ୍କର "ପୁଷ୍ପମାଳା" (୧୮୯୪)ର ଅର୍ନ୍ତକମାନ କବିତା ତାଙ୍କର ପଲ୍ଲୀ-ଚିତ୍ରଯୋଗ (୧୮୯୪) ପୂର୍ବରୁ ରଚିତ ହୋଇଥିଲା । ଅବସର ବାସରେ', 'ଉପହାର', 'ପୁଷ୍ପମାଳ', ଓ 'ଧୂଳି' ର ସମସ୍ତ କବିତା ଏହା ପରେ ଲେଖା, ଏସବୁ କବିତାରେ ଯାହା ପାଠକର ପ୍ରାଣକୁ ଗଭୀର ଭାବରେ ସ୍ପର୍ଶ କରିଥାଏ, ତାହା ହେଉଛି "ସ୍ରଷ୍ଟା ପ୍ରାଣର ଗଭୀର ଆବେଗ ଓ ଏ ଆବେଗକୁ ରୂପ ଦେବାର ଆତ୍ମସଚେତନ ମନୋବୃତ୍ତି" କବିଙ୍କର ଜୀବନାନୁଭୂତି ଏସବୁ କବିତାର ମୁଖ୍ୟ ଭାବରେ ରୂପାୟିତ ହୋଇଛି ସରଳ ଭାଷାରେ । ହାସ୍ୟ ରସ ମାଧ୍ୟମରେ ସମାଜର ଦୋଷ ଦୁର୍ବଳତା ସମ୍ପର୍କରେ ପାଠକ ମାନଙ୍କୁ ସଚେତନ କରିବା ହେଉଛି ଫକୀରମୋହନଙ୍କ ରଚନାଶୈଳୀର ଏକ ବିଶେଷତ୍ୱ । 'ଉତ୍କଳଭ୍ରମଣ'କୁ ଛାଡ଼ିଦେଲେ ଫକୀରମୋହନ 'ଯମରାଜାର ଦରବାର' ଏବଂ 'ମୁଁ ହାଟବାହୁଡ଼ା' ନାମକ ଦୁଇଟି ମାତ୍ର ହାସ୍ୟ ରସାତ୍ମକ କବିତା ଲେଖିଛନ୍ତି, ଯେଉଁଠି ପାଠକ ସେନାପତିଙ୍କର ନିଜସ୍ୱ ସତ୍ତା ସହ ଅନ୍ତରଙ୍ଗ ଭାବରେ ପରିଚିତ ହେବାର ସୁଯୋଗ ପାଇଥାଏ, ଏ କବିତାର ସରଳ ଏବଂ ସ୍ୱଚ୍ଛନ୍ଦ ଭାଷା ତଥା ହାସ୍ୟ ରସ ମାଧ୍ୟମରେ ବକ୍ତବ୍ୟ ପରିବେଷଣର ମାଧୁର୍ଯ୍ୟ ଆସ୍ୱାଦରେ ପାଠକକୁ ମୁଗ୍ଧ କରେ ।

'ମୁଁ ହାଟବାହୁଡ଼ା' ସେନାପତିଙ୍କର ଏକ ବହୁଚର୍ଚ୍ଚିତ କବିତା ଆଜି ଏତେ ଦିନ ପରେ ତାହାର ନାଟ୍ୟରୂପ ଦେଖିବାକୁ ପାଇ ସେନାପତି ସାହିତ୍ୟର ଜଣେ ମୁଗ୍ଧ ପାଠକ ଭାବେ ଅତ୍ୟନ୍ତ ଆନନ୍ଦିତ ହେବା କଥା । ଏହି ପୂର୍ବରୁ ଫକୀରମୋହନଙ୍କ ସମସ୍ତ ଉପନ୍ୟାସ ତଥା ଅଧିକାଂଶ ଗଳ୍ପ ରୂପର ନାଟ୍ୟରୂପ ପ୍ରସ୍ତୁତ ହୋଇ ଲୋକପ୍ରିୟ ହୋଇଛି । ଗୋଟିଏ ଗୋଟିଏ ଗଳ୍ପ ଏବଂ ଉପନ୍ୟାସର ଏକାଧିକ ନାଟ୍ୟରୂପ ମଧ୍ୟ ଦେଖିବାକୁ ମିଳୁଛି, ମାତ୍ର ତାଙ୍କ କବିତାର ନାଟ୍ୟରୂପ କ୍ଷେତ୍ରରେ ଏହାହିଁ ହେଉଛି ପ୍ରଥମ ସାର୍ଥକ ଉଦ୍ୟମ, ଏଥିପାଇଁ ନାଟ୍ୟକାର ଶ୍ରୀଯୁକ୍ତ ହେମେନ୍ଦ୍ର ମହାପାତ୍ରଙ୍କୁ ଆମର ସଶ୍ରଦ୍ଧ ଅଭିନନ୍ଦନ ।

Digitized by PPRACHIN, SOA

ନାଟ୍ୟକାର ମହାପାତ୍ର ନାଟକ ଲେଖୁଛନ୍ତି ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳଧରି ସେହିଦିନ ଆମେ ଦେଖିବାକୁ ପାଇଥିଲୁ ତାଙ୍କର ମନନଧର୍ମୀ ନାଟକ 'ଅନ୍ଧ ଆଖିର ବନ୍ଧନ' ତୀବ୍ର ସମାଜ ସଚେତନତା ହେଉଛି, ତାଙ୍କ ନାଟ୍ୟସତ୍ତ୍ୱାର ମୁଖ୍ୟ ଦିଗ । ଅବକ୍ଷୟୀ ସମାଜର ବିକୃତରୂପ ତାଙ୍କର ସମ୍ବେଦନଶୀଳ ପ୍ରାଣକୁ ଅହରହ ବ୍ୟଥିତ କରେ ଏବଂ ଏଥିପାଇଁ ସେ କାମନା କରନ୍ତି ଏକ ବିପ୍ଳବର, ଯାହା ଏକ ନୂତନ ସମାଜର ଜନ୍ମଦେବ ଯେଉଁଠି ନଥିବ ହିଂସା ଦ୍ୱେଷ, ଛଳନା, ଭଣ୍ଡାମୀ ଏବଂ ଶଠତା । ହୁଏତ ସେଇଠି ମଣିଷ ସ୍ୱଚ୍ଛଳ ଭାବରେ ନିଶ୍ୱାସ ନେବାର ସୁଯୋଗ ପାଇବ ।

କବିତା ହେଉ କିମ୍ବା ଗଳ୍ପ ଉପନ୍ୟାସ ହେଉ, ତାହାର ନାଟ୍ୟରୂପ ପ୍ରସ୍ତୁତ କରିବା ବଡ଼ ସହଜକାମ ନୁହେଁ । ମୌଳିକ ସୃଷ୍ଟି ଅପେକ୍ଷା ଏହି କାର୍ଯ୍ୟଟି ଅଧିକ କଷ୍ଟକର ବୋଲି ଆମର ମନେ ହୁଏ । ଗୋଟିଏ ହାତୀ ସ୍ୱାଧୀନ ଭାବରେ ଚାଲୁଥିଲେ, ତାହାର ଗତିରେ ଯେଉଁ ସ୍ୱଚ୍ଛନ୍ଦ ସୌନ୍ଦର୍ଯ୍ୟ ଫୁଟି ଉଠିବ, ଅନ୍ୟ ଗୋଟିଏ ହାତୀ ତା'ର ପଦଚିହ୍ନ ଉପରେ ପାଦ ଥାପି ଥାପି ଚାଲିଲେ, ନିଶ୍ଚୟ ତାହା ହେବ ନାହିଁ, ବିଶେଷ କରି ନାଟ୍ୟରୂପ ପାଇଁ ନାଟ୍ୟକାରଙ୍କର ପରିମିତି ବୋଧ, ବର୍ଜନ ରଂଜନ ଓ ସଙ୍କଳନ ଚାତୁର୍ଯ୍ୟ ଏବଂ ନାଟକୀୟତା ସୃଷ୍ଟି କୁଶଳତା ପ୍ରଭୃତି ଗୁଣର ଏକାନ୍ତ ଆବଶ୍ୟକ ହୋଇଥାଏ, ଏହାର ଅଭାବରେ ନାଟ୍ୟରୂପ ବିଫଳ ହୁଏ । ସେହିଦିନ ଆମେ ଦେଖିଲୁଁ ମାମୁଁ ଉପନ୍ୟାସର ନାଟ୍ୟରୂପ, ରାଘବ ମହାନ୍ତି ଫୁଲ୍‌ପ୍ୟାଣ୍ଟ ସାର୍ଟ ପିନ୍ଧି ମଞ୍ଚକୁ ଆସିବା ଦେଖି ବହୁ ଫକୀରମୋହନ ପ୍ରେମୀ ଦର୍ଶକଙ୍କ ମନ ଫିକା ପଡ଼ିଯାଇଥିବା ଦେଖାଗଲା । ସ୍ୱର୍ଗତ ବସନ୍ତ କୁମାର ଶତପଥୀଙ୍କର 'ଚମ୍ପା' (ଛମାଣ ଆଠଗୁଣ୍ଠ) ନାଟକ ମଞ୍ଚ କେବଳ ପରିମିତି ବୋଧର ଅଭାବରୁ ବିଫଳ ହୋଇଯାଇଥିବାର ସମସ୍ତେ ଜାଣନ୍ତି, ଏ ଦୃଷ୍ଟିରୁ 'ହାଟବାହୁଡ଼ା'ର ନାଟ୍ୟରୂପ ଯେ ଏକ ଦୁଃସାହସିକ ଉଦ୍ୟମ ଏଥିରେ ସନ୍ଦେହ ନାହିଁ ।

ଏଭଳି ମନ୍ତବ୍ୟ ଦେବାର ପ୍ରଧାନ କାରଣ ହେଉଛି କବିତାର ବିଷୟବସ୍ତୁ । ଏହା ଏକମୁଖୀ, ନୈତିକସ୍ତର ଓ ନାଟକୀୟତା ହୀନ, ସଂସାର-ହାଟରେ ବୁଲୁବୁଲୁ ଜୀବନ ଓ ଜଗତ ସମ୍ପର୍କରେ ଯେଉଁ ଅଭିଜ୍ଞତା ହେଉଛି, ତାହାହିଁ କବି ସରଳ ଭାବରେ ବର୍ଣ୍ଣନା କରିଛନ୍ତି । କବିଙ୍କର ଅନୁଭୂତିରେ କୌଣସି ଅଭିନବତା ନାହିଁ, କାରଣ ଉଣା ଅଧିକେ ଏହା ସମସ୍ତଙ୍କର ହୁଏ, ଏକ ସଫଳ ନାଟକ ପାଇଁ ଯେଉଁ ନାଟ୍ୟ ଧର୍ମିତାର ସର୍ବାଦୌ ପ୍ରୟୋଜନ, ତାହାର ଘୋର ଅଭାବ ଏଥିରେ ରହିଛି, ଏହି ଅଭାବକୁ ନାଟ୍ୟକାର ପୂରଣ କରିଛନ୍ତି, ସ୍ୱର୍ଗରୁ ସେନାପତିଙ୍କୁ ଓ୍ୱାରେଣ୍ଟରେ ଧରିଆଣି କାଠଗଡ଼ାରେ ଠିଆ କରାଇ, ଗିରିଧାରୀ ମହାପାତ୍ର ନାମକ ଜଣେ ମହାଜନ (ମହନ୍ତ ଜନ ନୁହନ୍ତି କିନ୍ତୁ) ଅଭିଯୋଗ କରୁଛନ୍ତି ଯେ ସେନାପତି ବଞ୍ଚିଥିବାବେଳେ ତାଙ୍କ ଠାରୁ ଯେଉଁ ଛପା ବାବଦରେ ଋଣ କରିଥିଲେ, ତାହା ଏପର୍ଯ୍ୟନ୍ତ ପରିଶୋଧ କରିନାହାନ୍ତି । ଏଇଠୁ, ନାଟକର ଆରମ୍ଭ

Digitized by PPRACHIN, SOA

ହେଉଛି । କଲ୍ପନାଶକ୍ତି ନାଟ୍ୟକାରଙ୍କର ନିଜସ୍ୱ ଏବଂ ନାଟକୀୟ ମଧ୍ୟ, ମୂଳ କବିତାରେ ଯେ ଏ ବିଷୟରେ କୌଣସି ସୂଚନା ନାହିଁ, ଏହା ଉକ୍ତ ବାହୁଲ୍ୟ ମାତ୍ର, ସେନାପତି ଆସୁଛନ୍ତି, 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପର ଚନ୍ଦ୍ରମଣି ବାବୁଙ୍କର ପରିବାର ଭ୍ରାନ୍ତି ମତସ୍ ହୁଏତ ସ୍ୱର୍ଗରେ ସେନାପତିଙ୍କର ଗୃହରେ ଭର୍ତ୍ତି ହୋଇଛି, ତେଣୁ ସେବ ତାଙ୍କ ସହିତ ଆସୁଛି । ଫକୀରମୋହନଙ୍କୁ ସଶରୀରେ ଦେଖିବାର ଆକର୍ଷଣ ଥିଲା, ତା' ସହିତ ଆଉ ଏକ ପରିଚିତ ଚରିତ୍ରକୁ ମଞ୍ଚକୁ ଆଣି ନାଟ୍ୟକାର ଚମତ୍କାର ବୁଦ୍ଧିମତ୍ତାର ପରିଚୟ ଦେଇଛନ୍ତି । ନାଟକଟିକୁ ଜମାଇଦେବାକୁ ଏହାହିଁ ଯଥେଷ୍ଟ, ପରେ ଅବଶ୍ୟ ଚନ୍ଦ୍ରମଣିବାବୁ ଏବଂ ହସ୍‌ମାନଭାସ୍‌କୁ ମଧ୍ୟ ମଞ୍ଚରେ ଦେଖାଯିବା ସହିତ ଗ୍ରେଟବ୍ରସ୍ତୁଙ୍କର "ମୋ ସଥି ହସ୍‌ମାନ୍‌ଭାସ୍' ସଙ୍ଗୀତ ଧ୍ୱନି ଶୁଣିବାକୁ ମିଳୁଛି । ମଞ୍ଚ ସଫଳତା ପାଇଁ ନାଟ୍ୟକାର ବେଶ୍ ଭଲଭାବରେ ଚିନ୍ତା କରିଛନ୍ତି ବୋଲି କହିବା କଷ୍ଟକର ନୁହେଁ ।

ଶିକ୍ଷାବ୍ୟବସ୍ଥା, ବସ୍ତୁର ଭଗ୍ନ ତଥା ପୁସ୍ତକ-ଷବର କାଗଜ-ପ୍ରକାଶ ବ୍ୟବସ୍ଥା-ମୂଲ୍ୟର ଏକକୋଟି ବିଷୟବସ୍ତୁ ନାଟକରେ ସ୍ଥାନ ପାଇଛି । ଏହାର ମାଧ୍ୟମରେ ଫକୀରମୋହନ ଯେ ସବୁର ବ୍ୟଙ୍ଗାତ୍ମକ ଉପସ୍ଥାପନ କରିବା ସହିତ ଦୂରଦର୍ଶିତାର ପରିଚୟ ଦେଇଥିଲେ । ଫକୀରମୋହନ ଏଥିରେ ମାଟି ଓ ମଣିଷର କଥାହିଁ କହିଛନ୍ତି । ଶତ ଦୋଷଦୁର୍ବଳତା ସତ୍ତ୍ୱେ ମଣିଷ ଯେ ଶ୍ରଦ୍ଧାର ପାତ୍ର- ଏହି ବିଶ୍ୱାସ ନିଜର ପାଠକମାନଙ୍କ ଠାରେ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି, ନାଟ୍ୟରୂପରେ ଏହି ପ୍ରକୃତିକୁ ଧରି ରଖିବାକୁ ଆନ୍ତରିକ ଉଦ୍ୟମ କରାଯାଇଛି । ଦୁଇ ପ୍ରଥ ସ୍ପର୍ଦ୍ଧାପକ୍ଷ ରୂପରେ ଦେଖିବାକୁ ମିଳୁଛି ଦୁଇଭାଇ ରେକଡ଼ ଆଉ ବ୍ଲେକଡଙ୍କୁ । ସାମାନ୍ୟ କାରଣରୁ ଏମାନଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇ କୋର୍ଟ କଚେରୀ ଯାଏ ଯାଇଛି, ଉଭୟ ପକ୍ଷର ଓକିଲ ପଟେଟ ପୁଣି ଏମାନଙ୍କୁ ସର୍ବସ୍ୱାନ୍ତ କରିବା ପରେ ବୁଦ୍ଧିଙ୍କର ଚେତା ଫେରିଛି ଏବଂ ଉଭୟ ପୁଣି ମିଳିଯାଇଛନ୍ତି । ଫକୀରମୋହନ ଏହାର ସୂଚନା ମାତ୍ର ଦେଇଥିଲେ । ନାଟ୍ୟକାର ଘଟଣା ବିନ୍ୟାସ ଦ୍ୱାରା ଯଥାର୍ଥ ପରିବେଶ ସୃଷ୍ଟି କରି ନାଟକୀୟ ସଂଳାପ ମାଧ୍ୟମରେ ଫକୀରମୋହନଙ୍କ ସ୍ୱପ୍ନକୁ ସାକାର କରିଛନ୍ତି, ଏହାହିଁ ହେଉଛି ତାଙ୍କର ବାହାଦୁରୀ । ଏଇ ଛୋଟ ଘଟଣାଟିକୁ ନାଟ୍ୟରୂପ ସୃଷ୍ଟି କରିବାରେ ଯେଉଁଭଳି ବ୍ୟବହାର କରାଯାଇଛି ତାହାହିଁ ବର୍ତ୍ତମାନଧର୍ମୀ ବିଷୟ ବସ୍ତୁରେ ଗତି ସଂଗ୍ରହ କରାଇଛି ।

ଶିକ୍ଷାବ୍ୟବସ୍ଥାରେ ମଧ୍ୟ ପାରମ୍ପରିକ ଶିକ୍ଷାପ୍ରଥା ସେକାଳରେ ଯେଉଁ ଅନାସ୍ଥା ସୃଷ୍ଟି ହୋଇଥିଲା କବିତାରେ ତାହାର ଉଲ୍ଲେଖ ରହିଛି । ନାଟ୍ୟକାର କୁଶଳତାର ସହ ମଞ୍ଚରେ ତାହାକୁ ଦେଖାଇଛନ୍ତି । ଏ ଦେଶର ଧର୍ମଧାରଣା ଯେ ସମୟରେ ଯେଉଁଭଳି କ୍ରମଶଃ ଦୁର୍ବଳ ହେବାର ଲାଗିଥିବା ତାହାର ସର୍ବଶେଷ ରୂପ ଆମେ ବର୍ତ୍ତମାନ ଦେଖୁଛୁ, କର୍ମକାଣ୍ଡ ଉପରୁ ମଣିଷର ଆସ୍ଥା ତୁଟିବାକୁ ଆରମ୍ଭ କରିଥିଲା । ବିଦ୍ୟାର୍ଥୀ

Digitized by PPRACHIN, SOA

ଯୁବକ ଯୁବତୀ ମାଧ୍ୟମରେ ନାଟ୍ୟକାର ଏହାର ଏକ ସମ୍ଭାବ୍ୟ ପରିଣତି ଦେଖାଇଛନ୍ତି, ନିଜସ୍ୱ କଳ୍ପନାର ସେକାଳ ଓ ଏକାଳ ଏଠି ଗୋଟିଏ ବିନ୍ଦୁରେ ମିଶିଯାଇଛି, ଏହାପରେ ପ୍ରକାଶକ ବ୍ୟବସ୍ଥା ସମ୍ପର୍କରେ ଫକୀରମୋହନଙ୍କ ସୂଚନାଟି ନାଟକରେ ପରିବେଷିତ ହୋଇଛି । ଏଇଠି ଆତ୍ମପ୍ରକାଶ କରୁଛି ଛାପାଖାନା ମାଲିକ ଗିରିଧାରୀ ମହାପାତ୍ର । ଲେଖକ ମାନଙ୍କୁ ଶୋଷଣ କରି କୋଟିପତି ହୋଇଛି । ସେଇ ଲେଖକ ଠାରୁ ପାଉଣା ଆଦାୟ କରିବା ପାଇଁ ସ୍ୱର୍ଗପୁରରୁ ମଧ୍ୟ ବାରମ୍ବାର ତାକୁ ମର୍ତ୍ତ୍ୟକୁ ଆସିବାକୁ ପଡ଼ୁଛି । ପରିଶେଷରେ ନାଟ୍ୟକାର ନରମ ପନ୍ଥାରେ ଲେଖକ ଓ ପ୍ରକାଶକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନର ଦୃଶ୍ୟଟିକୁ ଦେଖାଇ ନାଟକଟିକୁ ଶେଷ କରିଛନ୍ତି । ସ୍ୱୀକାର କରିବାକୁ ପଡ଼ୁଛି କିଞ୍ଚିତ୍‌ଦୀର୍ଘ ଏଇ ଶେଷ ଦୃଶ୍ୟଟି ସ୍ଲୋଗାନ୍‌ଧର୍ମୀ ହୋଇପଡ଼ିଛି, ଏବଂ ନାଟକର ଅନ୍ତଃସ୍ୱର ସହିତ ଠିକ୍ ମିଶିପାରୁନାହିଁ ।

ଏତକ ମାତ୍ର ଦୁର୍ବଳତାକୁ ଛାଡ଼ିଦେଲେ 'ମୁଁ ହାଟବାହୁଡ଼ାର ନାଟ୍ୟରୂପ' ଅତ୍ୟନ୍ତ ପରିଚ୍ଛନ୍ନ ଏବଂ ଗତିଧର୍ମୀ ହୋଇପାରିଛି ବୋଲି କୁହାଯାଇପାରେ. ନାଟ୍ୟକାରଙ୍କର କଳ୍ପନାରୁ ଯେଉଁ କେତୋଟି ଚରିତ୍ର ସୃଷ୍ଟି ହୋଇଛନ୍ତି, ସେଗୁଡ଼ିକ ମୂଳକବିତାର ଅନ୍ତଃସ୍ୱରର ଏକ ସମାନ୍ତରାଳ ରୂପ । ଏଠାରେ ନାଟ୍ୟକାର ଏବଂ କବିଙ୍କ ମଧ୍ୟରେ କୌଣସି ବିରୋଧ ସୃଷ୍ଟି ହୋଇନାହିଁ. ନାଟ୍ୟ ସଂଳାପ ସୃଷ୍ଟିରେ ମଧ୍ୟ ଯଥାସମ୍ଭବ ଫକୀରମୋହନଙ୍କୁ ଅନୁସରଣ କରିଯିବା ପାଇଁ ଉଦ୍ୟମ ହୋଇଛି । ସଂଳାପ ଚରିତ୍ରାନୁଗତ ହେବାର କାରଣ ହୋଇଛି ଏହାହିଁ, କୁଶଳୀ ନାଟ୍ୟକାର ଯେଉଁ ଉପାୟରେ କଥାବସ୍ତୁରେ ରସ ସୃଷ୍ଟି କରିପାରେ ତାହା ଭଲଭାବରେ ଜାଣନ୍ତି । ମଞ୍ଚ ସଫଳତା ପାଇଁ ନୃତ୍ୟ ସଙ୍ଗୀତର ଭୂମିକା ପୂରଣ କରି. ସେ ବ୍ୟବସ୍ଥା ମଧ୍ୟ ଏଥିରେ କରିବାକୁ ହୋଇଛି, ମୋଟ ଉପରେ କୁହାଯାଇ ପାରେ ଯେ 'ମୁଁ ହାଟବାହୁଡ଼ା'ର ନାଟ୍ୟରୂପ ଓଡ଼ିଆ ନାଟ୍ୟ ସାହିତ୍ୟରେ ଏକ ସ୍ମରଣୀୟ ସଂଯୋଗ । କବିତାଟିକୁ ନାଟକାୟିତ କରିବା କଳ୍ପନାଟି ଏତେ ଅଭିନବ ଯେ, ଏଥିପାଇଁ ବାରମ୍ବାର ନାଟ୍ୟକାରଙ୍କୁ ଧନ୍ୟବାଦ ଜଣାଇବାକୁ ମନହୁଏ । ଆଶା କରାଯାଇପାରେ ଯେ ଏହିଧରଣର ଆହୁରି ଉଦ୍ୟମ ଓଡ଼ିଆ ନାଟ୍ୟସାହିତ୍ୟର ଗତାନୁଗତିକତାକୁ ବହୁ ପରିମାଣରେ ଦୂରକରିଦେବ, ଆମେ ସେଇ ଆଶା ନେଇ ନାଟ୍ୟକାରଙ୍କ ଆଡ଼କୁ ସତୃଷ୍ଣ ଦୃଷ୍ଟିରେ ଅନାଇ ରହିଛୁ ।

ହେମନ୍ତ କୁମାର ଦାସ

୩୦ । ୧୨ । ୯୬

Digitized by PPRACHIN, SOA

ସେନାପତି ସାହିତ୍ୟର ଅନ୍ୟତମ ମୁଖ୍ୟ ପ୍ରଚାରକ
କବିଶ୍ରୀ ବ୍ରଜନାଥ ରଥଙ୍କ ମନ୍ତବ୍ୟ—

ନାଟକ 'ମୁଁ ହାଟ ବାହୁଡ଼ା' : ଏକ ମୁଗଧ ଦୃଷ୍ଟି

'ମୁଁ ହାଟ ବାହୁଡ଼ା' ବ୍ୟାସକବି ଫକୀରମୋହନଙ୍କ ଏକ ବହୁ ଚର୍ଚ୍ଚିତ ବିଖ୍ୟାତ କବିତା, ଏହାକୁ ସେ ଜୀବନ-ସାୟାହ୍ନରେ ଜୀବନ-ହାଟରୁ ସବୁଦା ପାଇଁ ଫେରିବା ଆଗରୁ ଲେଖିଥିଲେ । ଏଥିରେ ତାଙ୍କ 'କଷ୍ଟ-ତିକ୍ତ-କଷାୟ' ଜୀବନର କିଛି ବିଚିତ୍ର ଅଭିଜ୍ଞତା ରସାଳ ଅଥଚ ଶ୍ଳେଷାତ୍ମକ ଚର୍ଯ୍ୟକ ଭଙ୍ଗୀରେ ଚର୍ଚ୍ଚିତ ହୋଇଛି, ଫକୀରମୋହନ ସ୍ରଷ୍ଟା ଭାବରେ ପ୍ରଥମେ କବି, ତାପରେ କଥାକାର, କିନ୍ତୁ, ତାଙ୍କ କବିତାରେ କାବ୍ୟିକ ସୂକ୍ଷ୍ମ ଆବେଦନ ଅପେକ୍ଷା, କଥାଶିଳ୍ପୀର ଅପୂର୍ବ କଥକତା ଲକ୍ଷଣୀୟ. ଏକ ବହୁ ବର୍ଣ୍ଣିଳ ଅଭିଜ୍ଞ ଜୀବନର ଅଭିଜ୍ଞତାର ଅଭିଜ୍ଞାନ କାବ୍ୟିକ ଛଟାରେ ନୁହେଁ, କଥକତାର ଅପୂର୍ବ ଶୈଳୀରେ କଥା ସମ୍ରାଟ ଫକୀରମୋହନ ସେଥିଭଳି ଭାବରେ ଏହି କବିତାରେ ରୂପାୟନ କରିଛନ୍ତି, ସେଥିରେ ବିଷୟବସ୍ତୁରେ କିଛି ନାଟକୀୟତା ମଧ୍ୟ ରହିଛି, ଯାହାକୁ ପ୍ରତିଭାବାନ୍ ଯୁବ ନାଟ୍ୟକାର ହେମେନ୍ଦ୍ର ବାବୁ ଅତି ଚତୁରତାର ସହ ଧରିପାରି ତାକୁ ସଫଳ ନାଟ୍ୟରୂପ ଦେଇଛନ୍ତି । ଗୋଟିଏ ବିଖ୍ୟାତ କବିତାକୁ ଉପଜୀବ୍ୟ କରି ତାର ଅନ୍ତର୍ନିହିତ ନିର୍ଯ୍ୟାସକୁ ଭଲଭାବରେ ଚିପୁଡ଼ି ଭିତରେ ବୃତ୍ତାନ୍ତର ବିବ ଏବଂ ସଫଳ ଭାବରେ ଦର୍ଶକ ମାନଙ୍କ ଆଗରେ ମଞ୍ଚୋପଯୋଗୀ କରି ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ମୂଳ ଲେଖକଙ୍କ ଆସଲ ଉଦ୍ଦେଶ୍ୟକୁ ରସାଳ ଭାବରେ ପରିବେଷଣ କରିବା କିଛି କମ୍ କଥା ନୁହେଁ । ସାଧାରଣତଃ କୌଣସି ଗଳ୍ପ କିମ୍ବା ଉପନ୍ୟାସକୁ ନାଟ୍ୟରୂପ ଦେବାର ଦେଖାଯାଇଥାଏ, କିନ୍ତୁ ଗୋଟିଏ କବିତାକୁ ସଫଳ ନାଟ୍ୟରୂପ ଦେଇ ନୂତନତ୍ୱକୁ ଆଣିବାରେ ବୋଧହୁଏ ହେମେନ୍ଦ୍ର ବାବୁ ଆମ ସାହିତ୍ୟରେ ପ୍ରଥମ ନାଟ୍ୟକାର, ଏ ଦିଗରେ ସେ ଏକ ନୂଆ ରେକର୍ଡ ସୃଷ୍ଟି କରିବାକୁ ସମର୍ଥ ହୋଇଥିବାରୁ ଆମ ସମସ୍ତଙ୍କର ଅଭିନନ୍ଦନୀୟ ଓ ଧନ୍ୟବାଦାର୍ହ ।

ଆଜକୁ ପ୍ରାୟ ୮୦ ବର୍ଷ ତଳେ ବିଖ୍ୟାତ ନାଟ୍ୟଶିଳ୍ପୀ ଓ ମଞ୍ଚନିର୍ଦ୍ଦେଶକ ଗୋବିନ୍ଦଚନ୍ଦ୍ର ଶୂରଦେଓ ଫକୀରମୋହନଙ୍କ ବିଖ୍ୟାତ ଐତିହାସିକ ଉପନ୍ୟାସ 'ଲଛମା' କୁ ପ୍ରଥମେ ନାଟ୍ୟରୂପ ଦେଇ ରେଭେନ୍ସା କଲେଜରେ ମଞ୍ଚସ୍ଥ କରାଇଥିଲେ ଫକୀରମୋହନ ନିଜେ ଜୀବନସାୟାହ୍ନରେ ସେଠାରେ ଉପସ୍ଥିତ ରହି ନାଟକଟି ଦେଖି ମୁଗ୍ଧ ହୋଇ ନାଟ୍ୟକାର ନିର୍ଦ୍ଦେଶକ ଓ ଅଭିନେତା ମାନଙ୍କୁ ଶୁଭାଶିଷ ବର୍ଷଣ କରିଥିଲେ । ଯୁବ ନାଟ୍ୟକାର ଶୂରଦେଓଙ୍କ ପିଠିରେ ହାତ ମାରି ତାଙ୍କର ଭୂୟସୀ ପ୍ରଶଂସା ମଧ୍ୟ କରିଥିଲେ । ଆଜି ଫକୀରମୋହନ ବଞ୍ଚିଥିଲେ ହୁଏତ ନିଜ ଜନ୍ମଗାଁରେ ଆଉ ଜଣେ ଯୁବ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ତାଙ୍କ ବହୁଚର୍ଚ୍ଚିତ କବିତା 'ମୁଁ ହାଟ ବାହୁଡ଼ା' ର ନାଟ୍ୟ ରୂପାୟନ ଓ ତାର ସଫଳ ମଞ୍ଚ – ଉପସ୍ଥାପନ ଦେଖି

Digitized by PPRACHIN, SOA

ମୁଗ୍ଧ ହୃଦୟରେ ତାଙ୍କୁ ବଧାଇ ଜଣାଇଥାନ୍ତେ କାରଣ ସେ ତାଙ୍କ କବିତାର ସୁସଜ୍ଜିତ କଳେବର ଭିତରେ ଯାହା ପ୍ରକାଶ କରିବାକୁ ଯାଇ ସ୍ପଷ୍ଟଭାବେ ପ୍ରକାଶ କରିପାରିନଥିଲେ, ତାଙ୍କର ଉତ୍ତର ପୁରୁଷ ଆଉ ଜଣେ ସୁଦକ୍ଷ ସ୍ରଷ୍ଟା ଏହାକୁ ଅଧିକ ଫଳପ୍ରଦ ଭାବରେ ନାଟ୍ୟରୂପ ମାଧ୍ୟମରେ ପରିବେଷଣ କରି ତାଙ୍କ ଅସଲ ଉଦ୍ଦେଶ୍ୟକୁ ଦର୍ଶକମାନଙ୍କ ହୃଦୟରେ ଥୋଇଦେଇ ପାରିଛନ୍ତି ।

ଏହା ପୂର୍ବରୁ ଯଶସ୍ୱୀ ନାଟ୍ୟ ସ୍ରଷ୍ଟା ଗୋପାଳ ଛୋଟରାୟ ଫକୀରମୋହନଙ୍କ ଚିତ୍ତ ଆଲୋଡ଼ନ ଗଳ୍ପ ପେଟେଣ୍ଟ ମେଡ଼ିସିନ୍‌କୁ ଅବଲମ୍ବନ କରି ଯେପରି ଶ୍ରୀମନ୍ତି ସୁମାନଙ୍କ ଗୀତିନାଟ୍ୟ ଲେଖି କଳ୍ପନାର ଅପୂର୍ବ ମୌଳିକତାର ପରିଚୟ ଦେଇଥିଲେ ଠିକ୍ ସେହିପରି 'ମୁଁ ହାଟ ବାହୁଡ଼ା' ନାଟକରେ ନାଟ୍ୟକାର ଶ୍ରୀ ମହାପାତ୍ର ମୂଳ କବିତାର ବସ୍ତୁତତ୍ତ୍ୱକୁ ଏକ କଙ୍କାଳରୂପେ ଗ୍ରହଣ କରିଥିଲେ ମଧ୍ୟ ସେଥିରେ ନିଜ କଳ୍ପନାର ରକ୍ତମାଂସ ଯୋଗାଇ ତାହାକୁ ସାର୍ଥକ ରୂପ ଦେବାରେ ସମର୍ଥ ହେବା ସଙ୍ଗେ ସଙ୍ଗେ ନିଜ ମୌଳିକତାର ପରିଚୟ ମଧ୍ୟ ଦେଇଛନ୍ତି । ସେ ମୂଳ ସ୍ରଷ୍ଟାଙ୍କ ଅଭିମୁଖ୍ୟକୁ ଅଧିକ ଆକର୍ଷଣୀୟ ଓ ଫଳପ୍ରଦ କରିବା ପାଇଁ ବସ୍ତୁବସ୍ତୁରେ, କିଛି ନାଟକୀୟତା ସୃଷ୍ଟି କରିବା ସହିତ ମହାପାତ୍ର, ରେବତୀ, ବୈଦ୍ୟ ଇତ୍ୟାଦି କେତୋଟି ନୂଆ ଚରିତ୍ରର ସଂଯୋଜନା ମଧ୍ୟ କରିଛନ୍ତି । ପେଟେଣ୍ଟ ମେଡ଼ିସିନର ସୁକର ମହନ୍ତକୁ ମଧ୍ୟ ଆଣି ପରୋକ୍ଷରେ ଏଠାରେ ଯୋଡ଼ିଦେଇଛନ୍ତି । ଏହାଦ୍ୱାରା ନାଟକଟି ଅଧିକ ରସାଳ, ସ୍ୱାଦୁ ଓ ଅର୍ଥପୂର୍ଣ୍ଣ ହୋଇ ପାରିଛି । ମଝିରେ ମଝିରେ ଚରିତ୍ରମାନଙ୍କ ମୁହଁରେ ସମୟୋପଯୋଗୀ ଫକୀରମୋହନୀୟ ଭାଷା ଓ ଶୈଳୀର ଅବତାରଣା ସହିତ ମୂଳଭିତ୍ତିର କିଛି କିଛି ଆବଶ୍ୟକ ଉକ୍ତ ଭାଗ ସଂଯୋଜନା କରି ନାଟ୍ୟକାର ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବା ସହ ଦର୍ଶକମାନଙ୍କ ମନକୁ ଛୁଇଁବାକୁ ସମର୍ଥ ହୋଇଛନ୍ତି ।

ଗୋଟିଏ ମାତ୍ର ଫକୀରମୋହନଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶ୍ରୀ ମହାପାତ୍ର 'ମୁ ହାଟ ବାହୁଡ଼ା' କୁ ନାଟ୍ୟରୂପ ଦେଇ 'ସ୍ରଷ୍ଟା' ନାଟ୍ୟାନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ କରିଥିଲେ ନିଜ ଅଭିନବ ଉଦ୍ୟମର ପରିଚୟ ଦେଇଥିଲେ । ଏବେ ସେହି ନାଟକର ମୁଦ୍ରିତ ରୂପ ପାଠକ ସମକ୍ଷରେ ଉପସ୍ଥାପିତ ହେଉଥିବାବେଳେ ମୁଁ ଏହାର ସଫଳ ସ୍ରଷ୍ଟା ହେମେନ୍ଦ୍ର କୁମାର ତାଙ୍କର ଏହି ନୂତନ ଉଦ୍ୟମ ପାଇଁ ବଧାଇ ଜଣାଉଛି, ସେ ତାଙ୍କ ନିଜ ନିଜସ୍ୱ ନାଟ୍ୟ ପ୍ରତିଭାକୁ ଭବିଷ୍ୟତରେ ଆହୁରି ପରୀକ୍ଷାଧର୍ମୀ କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିବେ, ଏହି ଆଶା ରଖୁଛି ।

ଶ୍ରୀ ବ୍ରଜନାଥ ରଥ
ସୁନହଟ, ବାଲେଶ୍ୱର
ତା ୯।୬।୧୯..

Digitized by PPRACHIN, SOA

ମୋର ଯାହା କହିବାର କଥା

ଅବଶ୍ୟ ମୋର ଯେ କିଛି କହିବା ନିହାତି ଆବଶ୍ୟକ ତା' ନୁହେଁ ତଥାପି ଏମିତି ଏକ କ୍ଷଣରେ କିଛି ନକହି ଚୁପ୍ ରହିଯିବାକୁ କେମିତି ଟିକିଏ ଖାପଛଡ଼ା ଲାଗୁଛି। ଦୀର୍ଘ ଜୀବନ ତ ନିଶ୍ଚୟ ନୁହେଁ କଣ କହିବି। ନାଟକର ଉତ୍ପତ୍ତିରୁ, ପ୍ରକାଶ ପର୍ଯ୍ୟନ୍ତ କେତୋଟି ମୁହୂର୍ତ୍ତର ଅନୁଭୂତି ଛଡ଼ା ମୋ ପାଖରେ ଆଉ ଅଛି କଣ ?

୧୯୭୯ ମସିହାର କଥା; ସେତେବେଳକୁ ମୋର ପ୍ରଥମ ପୂର୍ଣ୍ଣାଙ୍ଗ ନାଟକ 'ପ୍ରିୟା ନା ପିଶାଚୀ' ? ମଞ୍ଚସ୍ଥ ହୋଇ ସାରିଥାଏ, ଜଣେ ଅଭିନେତା ଭାବରେ ଦର୍ଶକମାନଙ୍କ ତାଳିମାଡ଼ ଭିତରେ ମୁଁ ମସଗୁଲ ହୋଇସାରିଥାଏ କିନ୍ତୁ ସଫଳତା ପାଇଁ ନାଟ୍ୟକାରର ସଂଘର୍ଷରେ ମୁଁ ନିଜକୁ ଜଡ଼ିତ କରିଥାଏ ସମାଜକୁ ସାହିତ୍ୟକୁ ତଥା ତତ୍କାଳୀନ ମଞ୍ଚକୁ। ଏହାପରେ ଏକ ମୁହୂର୍ତ୍ତରେ ମୁଁ ଫକୀରମୋହନ କଲେଜର ସାହିତ୍ୟ କ୍ଲବରେ ଦେଖିଲି "ମୁଁ ଘାଟ ବାହୁଡ଼ା" କୁ ମୋର ପୂଜ୍ୟପାଦ ଓଡ଼ିଆ ନାଟ୍ୟ-ସାହିତ୍ୟର ବରେଣ୍ୟ ଆଲୋଚକ ଡକ୍ଟର ହେମନ୍ତ କୁମାର ଦାସ ଉପସ୍ଥାପିତ 'ମୁଁ ଘାଟ ବାହୁଡ଼ା', ସେଇଠି ସେହିକ୍ଷଣରେ "ମୁଁ ଘାଟ ବାହୁଡ଼ା" ନାଟକର ବୀଜମନ୍ତ୍ର ଉଚ୍ଚାରିତ ହୋଇଥିଲା ମୋ ହୃଦୟର ଗଭୀରତମ ଗର୍ଭରେ। କିନ୍ତୁ ସେ ସମୟର ଅନଭିଜ୍ଞ ହାତରେ ଏତେଗୁଡ଼ାଏ ଚରିତ୍ରକୁ ମଞ୍ଚରେ ଉପସ୍ଥାପନା କରିବାର କୌଶଳର ଅଜ୍ଞତା ପାଇଁ ମୁଁ କ୍ଷାନ୍ତ ହୋଇଥିଲି। ତାପରେ ବେଶ୍ କିଛିଦିନ ସୁବଳ ଭୁବନେଶ୍ୱର, ସେଣ୍ଟ୍ରାଲ ଥିଏଟର, ସଭ୍ୟ କମିଟିର, ଚେତନା ଲେଖିଲି ଯଦା ମନଥାଏ ନାଟକରେ, ଏମିତି ଥରେ 'ମଞ୍ଜୁଷା' ରେ ପ୍ରସ୍ତାବ ଦେଇଥିଲି କିନ୍ତୁ ତାହା ଅବଲମ୍ବେ ଅନାସ୍ଥାସହିତ ପ୍ରତ୍ୟାଖ୍ୟାତ ହୋଇଥିଲା, ଘାଟ ବାହୁଡ଼ାରେ ନାଟକ ଯାହା ରହିଲା ଅଳମିରାରେ।

୧୯୯୧ ମସିହାର ଶେଷଭାଗ। ସେତେବେଳେ ବାଲେଶ୍ୱରର ପ୍ରଗତି ସଂସଦ ଫକୀର ମୋହନଙ୍କ ଏକଶତ ପଚାଶତମ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ପ୍ରସ୍ତୁତ ପାଇଁ ପ୍ରସ୍ତୁତ ହେଉଥାଏ। ପୁଣି ପ୍ରସ୍ତାବ ଆସିଲା ଫକୀରମୋହନଙ୍କ ରଚନାର ନାଟ୍ୟରୂପ ମଞ୍ଚସ୍ଥ ପାଇଁ; ଲେଖିହେବ କିଛି ନହେଲେ; ସେଇ ସେଣ୍ଟେଣ୍ଡ ନେଉଛିନ୍। ସତେ ସେମିତି ମନରେ ମୁହୂର୍ତ୍ତରେ ଅନୁରୂପ ହେବାର ବା ନାଟକର ଅନ୍ତରରେ କିଛି ଗୋଟେ ଲକ୍ଷଣ ପ୍ରକାଶ ପାଇଲା। ମୁଁ ସରଳ ସେସନ - ଚେଷ୍ଟାରେ ଲାଗିଲି - ସମସ୍ତ ପ୍ରଜ୍ଞା ପ୍ରଚେଷ୍ଟା ପ୍ରୟୋଗ କଲି ଜନ୍ମ ନେଲା ମୁଁ ଘାଟ ବାହୁଡ଼ାର ଅନ୍ୟରୂପ। କିନ୍ତୁ ସେହିଠାରୁ ଏ ନାଟକର ମୁଖ୍ୟ ଚରିତ୍ର ନିଜେ ସ୍ରଷ୍ଟା ଫକୀରମୋହନ ହେତୁ ଏ ନାଟକ ମଞ୍ଚସ୍ଥ ଜାଗରଣରେ ନିର୍ଦ୍ଦେଶନା ଦେବାରେ ବା ଫକୀ ସେ ଭୂମିକାରେ ଅଭିନୟ କରିବାରେ ଦୁଃସାହସ ପ୍ରଦର୍ଶନ କରିବାର ଶକ୍ତିର ଅଭାବ ଦେଖା ଦେଲା ଅବଶ୍ୟ ଏହା ଏକଶୀ ସମସ୍ୟା ଉଠିଲା - ଓଡ଼ିଶାର ଜଣେ ବରିଷ୍ଠ ନାଟ୍ୟଧର୍ମୀ ଶିଳ୍ପୀ ପରମାନନ୍ଦ ସାହୁ ଅଗ୍ରାଧିକାରରେ ମଞ୍ଚସ୍ଥ ହେଲା ଘାଟ ବାହୁଡ଼ା ଉତ୍କଳ ଅଭିନେତାସମ୍ମରେ, ଗୋଟିଏ ଘଣ୍ଟାର ନାଟକ ବୃଦ୍ଧ ଫକୀର ସରଳ ... ଭୂମିକାରେ ମୁଁ ଅଭିନୟ କରିବାକୁ ସାହସ କରୁନଥାଏ କିନ୍ତୁ ଦର୍ଶକ ମଣ୍ଡଳର ପ୍ରବଳ ଅନୁରୋଧରେ ମୁଁ ପରେ ପ୍ରଥମରେ ବେଶ ପରିଧାନ କରିପାରିଲି ନାହିଁ ତାପରେ ଯାହାହେଲା ମୋର ଜୀବନରେ

Digitized by PPRACHIN, SOA

ଏକ ସ୍ଥିତ ହୋଇ ରହିଗଲା ସେହିଠୁ, ସବୁଠି ମୁହୂର୍ତ୍ତରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ମୁଁ ହାତ ବାହୁଡ଼ା ରଚିତ ଓ ମଞ୍ଚସ୍ଥ ହେବାପରେ ଗତ ୧୯୯୩ ଜାନୁୟାରୀ ୧୩ ତାରିଖରୁ ଏଯାବତ ଏ ନାଟକରେ ନୂତନତ୍ୱର ମାଦକତା ଶିଳ୍ପୀ ତଥା ଦର୍ଶକମାନଙ୍କୁ ଅଭିଭୂତ ରଖିଛି । ଆଜି ପ୍ରକାଶ କାଳରେ ମୁଁ ଏ ନାଟକର ସଫଳତା ପାଇଁ ସ୍ରଷ୍ଟାର ଶିଳ୍ପୀ, ଓ ବାଲେଶ୍ୱରର ଫକୀରମୋହନ ପ୍ରେମୀ ଜନସାଧାରଣଙ୍କଠାରେ କୃତଜ୍ଞତା ଜଣାଉଛି ।

ନାଟକର ଚରିତ୍ର ବା ପ୍ରଦର୍ଶନ-କୌଶଳ ସମ୍ବନ୍ଧରେ ମୋର ଅଧିକ କିଛି କହିବାର ନାହିଁ, ଯାହା କହିବାର କଥା ହେମନ୍ତ ସାର ମୋ ପାଇଁ କହିଦେଇଛନ୍ତି । ଏହି ନାଟକଟିକୁ ଦେଶିଆ ନାଟ ଶୈଳୀରେ ଏକ ପ୍ରଯୋଗ ଧର୍ମୀ ନାଟକ ଭାବରେ ମଞ୍ଚସ୍ଥ କଲେ ମଞ୍ଚ ସଫଳତା ଅଧିକମିଳିପାରିବ ବୋଲି ମୋର ଧାରଣା । କୌଣସି ପ୍ରକାର ପାରମ୍ପରିକ ଧାରା ଅନୁସରଣରେ ବାଧ୍ୟ ବାଧକତା ଏଥିରେ କରାଯାଇନାହିଁ, ଏହାକୁ ସମ୍ପୂର୍ଣ୍ଣ ଏକ ପଥପ୍ରାନ୍ତନାଟକ ଭାବରେ ମଧ୍ୟ ମଞ୍ଚସ୍ଥ କରାଯିବାରେ କୌଣସି ପ୍ରତିବନ୍ଧକ ନାହିଁ ଯେହେତୁ ଏ ନାଟକର ମୁଖ୍ୟ ଚରିତ୍ର ନିଜେ ଫକୀରମୋହନ ତେଣୁ ଉକ୍ତ ଚରିତ୍ରର ଉପସ୍ଥାପନା ବେଳେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ବିଧେୟ ।

ଆଜି ବ୍ୟାସକବିଙ୍କ ଏକଶତ ପଞ୍ଚାବନତମ ପବିତ୍ର ଜନ୍ମ ତିଥିରେ "ମୁଁ ହାତ ବାହୁଡ଼ା"ର ଗ୍ରନ୍ଥପ୍ରକାଶ ଅବସରରେ ଏ ନାଟକର ମଞ୍ଚ ସଫଳତା ପାଇଁ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପରମାନନ୍ଦ ସାହୁ ତଥା ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତ କଳାକାରଙ୍କଠାରେ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି, ବିଶେଷକରି ଏହି ନାଟକର ମୁଖବନ୍ଧ ଲେଖିଦେଇ ମୋର ପୂଜ୍ୟ ଗୁରୁ ତଥା ଓଡ଼ିଆ ନାଟ୍ୟ ସାହିତ୍ୟର ଉଜ୍ଜ୍ୱଳ ରତ୍ନ ଡକ୍ଟର ହେମନ୍ତ କୁମାର ଦାସ ଓ ସେନାପତି ସାହିତ୍ୟର ମୁଖ୍ୟ ପ୍ରଚାରକ ବରିଷ୍ଠ କବି ଶ୍ରୀ ବ୍ରଜନାଥ ରଥ ମୋ ଲେଖକୀୟ ଜୀବନକୁ ଧନ୍ୟ କରିଛନ୍ତି ଏ ଅବସରରେ ମୁଁ ଉଭୟ ପ୍ରତିଭାଧରଙ୍କ ନିକଟରେ ମୋର ବିନମ୍ର କୃତଜ୍ଞତା ଜଣାଉଛି ।

ଏ ନାଟକ ପରିବେଷଣ କାଳରେ ବ୍ୟାସକବିଙ୍କ ସ୍ୱରୂପ ପକ୍ଷରେ ପ୍ରବୀଣ ଶିଳ୍ପୀ ମୋର ପୂଜ୍ୟ ଶିକ୍ଷକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଶତପଥୀଙ୍କ ଭୂମିକା ମୋର ସର୍ବଥା ପୂରଣ କରି ମୋ କଳ୍ପନାକୁ ବାସ୍ତବ ରୂପ ଦେଇ ସେ ମୋତେ ବହୁଗୁଣରେ ଉତ୍ସାହିତ କରିଛନ୍ତି. ନାଟକ ମଞ୍ଚସ୍ଥ କରିବାରେ ପୁରସ୍କାର ସମ୍ପାଦକ ଶ୍ରୀଯୁକ୍ତ ଧୁରନ୍ଧର ବିଶ୍ୱାଳ ଓ ଉପସଭାପତି ଶ୍ରୀଯୁକ୍ତ ଅନନ୍ତ କୁମାର ଦାସଙ୍କ ତଥା ପୁରସ୍କାର ଶିଳ୍ପୀବନ୍ଧୁମାନଙ୍କ ନିକଟରେ ମୁଁ ଚିର କୃତଜ୍ଞ । 'ମୁଁ ହାତ ବାହୁଡ଼ା'ର ପ୍ରଚ୍ଛଦ ଶିଳ୍ପୀ ଶ୍ରୀମାନ ବ୍ରଜ ଷଡ଼ଙ୍ଗୀଙ୍କୁ ଏ ଅବସରରେ ସାଧୁବାଦ ଜଣାଉଛି ।

ପରିଶେଷରେ ଏ ନାଟକ ପ୍ରକାଶ କାଳରେ ରଘୁନାଥ ପ୍ରେସର ସମସ୍ତ କର୍ମଚାରୀ ବିଶେଷ କରି ଶ୍ରୀଯୁକ୍ତ ରାଜକିଶୋର ମହାପାତ୍ର ଶ୍ରୀମାନ ଚନ୍ଦ୍ରକିଶୋର ମହାପାତ୍ରଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଇ ରହୁଛି ।

ହେମେନ୍ଦ୍ର ମହାପାତ୍ର
୧୪ । ୧ । ୧୯୯୬

Digitized by PPRACHIN, SOA

– ନାଟକ –

"ମୁ ହାଟ ବାହୁଡା"

ପ୍ରଯୋଜନା-'ସ୍ରଷ୍ଟା', ବାଲେଶ୍ୱର

ନାଟ୍ୟ ରଚନା:- ଶ୍ରୀ ଦେବେନ୍ଦ୍ର ମହାପାତ୍ର

ନାଟ୍ୟ ନିର୍ଦ୍ଦେଶନା:- ଶ୍ରୀ ପରମାନନ୍ଦ ସାହୁ

ମଞ୍ଚ ଓ ରୂପ:- ଶ୍ରୀ ସତ୍ୟନାରାୟଣ ଷଡ଼ଙ୍ଗୀ
ଶ୍ରୀ ବ୍ରଜ ଷଡ଼ଙ୍ଗୀ

ସଙ୍ଗୀତ:- ଶ୍ରୀ ଅମୃତାଂଶୁ ଶାଶ୍ୱତ ପଟ୍ଟନାୟକ
ଶ୍ରୀ ସୁନ୍ଦରମୋହନ ନାୟକ
ଶ୍ରୀ ସନ୍ତୋଷ ସେନାପତି
ଶ୍ରୀ ଦୁଷ୍ମନ୍ତ ମହାପାତ୍ର
ଶ୍ରୀ ଜୟନ୍ତ ବେହେରା
କୁମାରୀ ରାଜଶ୍ରୀ ପଣ୍ଡା

ଆଲୋକ:- ଶ୍ରୀ ଗୌରାଙ୍ଗ ସେନ୍

ମୁଖ୍ୟ ଉପଦେଷ୍ଟା:- ଶ୍ରୀ ଇନ୍ଦୁଭୂଷଣ କର
ଶ୍ରୀ ଧୁରନ୍ଧର ବିଶ୍ୱାଳ
ଶ୍ରୀ ଅନନ୍ତ କୁମାର ଦାସ

ସହଯୋଗିତା:- ଶ୍ରୀ ପ୍ରସନ୍ନ କୁମାର ଦାସ
ଶ୍ରୀ ପ୍ରଶାନ୍ତ କୁମାର ପୁଷ୍ଟି
ଶ୍ରୀ ସୁଲଳିତ କର

Digitized by PPRACHIN, SOA

ଏ ଯାବତ୍ ଅଭିନୀତ ହୋଇଥିବା ମଞ୍ଚରେ ଅଂଶ ଗ୍ରହଣ କରିଥିବା ଶିଳ୍ପୀବୃନ୍ଦ

ଫକୀରମୋହନ - ପରମାନନ୍ଦ ସାହୁ

ମକର - ଅଜୟ କୁମାର ଆଗୃସୀ

ଜଜ - ଗୌରୀଶଙ୍କର ସାହାଣୀ

ପରେ

ସଂଗ୍ରାମକେଶରୀ ମହାନ୍ତି

ଓ

ବସନ୍ତ କୁମାର

ଶେରିଫ - ସ୍ୱାଧୀନ କୁମାର ଦାଶ

ପରେ

ବ୍ରହ୍ମନାଥ ରଥ

ଶେକଡ - ନୀଳକଣ୍ଠ ସାହୁ

ପ୍ରଥମ ଓକିଲ - ଅନୁପ ଗୃହାର୍ଜୀ

ପରେ

ଗୌରୀଶଙ୍କର ସାହାଣୀ

ଦ୍ୱିତୀୟ ଓକିଲ - ରଜନୀକାନ୍ତ ଦାସ

ପରେ

ମନୋରଞ୍ଜନ ଦାସ

ଶିରସ୍ତାଦାର - ବଧୁଭୂଷଣ ଓଝା

ପେସ୍କାର - ଶାନ୍ତନୁ ଲେଙ୍କା

ପରେ

ସୁବ୍ରତ ଧଳ

ନାଜର - ପାପେସ୍କା ଓାହାବ୍

ପରେ

ସୁନନ୍ଦା ନନ୍ଦୀ

ନିର୍ଦ୍ଦେଶନା - **ପରମାନନ୍ଦ ସାହୁ**

Digitized by PPRACHIN, SOA

ସମଗ୍ର ନାଟକଟିକୁ ଏକ ସାଂକେତିକ ମଞ୍ଚ ଉପରେ ମଞ୍ଚସ୍ଥ କରାଯାଇ ପାରେ । କୌଣସି ଏକ ପାରମ୍ପରିକ (ଆବଶ୍ୟକ ହେଲେ ସଂକେତ ଧର୍ମୀ) ଅଦାଲତ । ଲାଇଟ ଆସିବା ପୂର୍ବରୁ ନେପଥ୍ୟରୁ କର୍କଶ କଣ୍ଠ ଘୋଷଣା କରୁଥାଏ "ଫକୀର ମୋହନ ସେନାପତି ହାଜର ହୋ" ଫକୀର ମୋହନ ସେନାପତି" ଏମିତି ତିନିଥର ଘୋଷଣା ପରେ ଲାଇଟ ଆସେ, ଦେଖାଯାଏ ଆସାମୀ କାଠଗଡ଼ାରେ ସ୍ୱୟଂ ବ୍ୟାସକବି ଫକୀର ମୋହନ ସେନାପତି ଓ ସାକ୍ଷୀ କାଠଗଡ଼ାରେ ପ୍ରକାଶକ ମହାପାତ୍ର ପେସ୍କାର ଆସି ଶପଥ କରାଏ ।

ପେସ୍କାର —ଏ ଗୀତା ଉପରେ ହାତ ରଖି କହନ୍ତୁ । ଯାହା କହିବ ସତ କହିବ ।

ଫକୀର ମୋହନ—ଆମ୍ଭେ ଏ ଗୀତା ଉପରେ ହାତ ରଖି କହୁଛୁ ଯାହା କହିବୁ ସତ କହିବୁ ।

ପେସ୍କାର - ସତ ଛଡ଼ା ଅନ୍ୟ କିଛି କହିବ ନାହିଁ ।

ଫକୀର ମୋହନ -ସତ ଛଡ଼ା ଅନ୍ୟ କିଛି ଆଦୌ କହିବୁ ନାହିଁ ।

(ପେସ୍କାର ନିଜ ଆସନକୁ ଆସନ୍ତେ ଉକିଲ କାଠଗଡ଼ା ନିକଟକୁ ଯାଆନ୍ତି)

ଉକିଲ—ଆପଣଙ୍କ ନାମ ?

ଫକୀର ମୋହନ ଆମ୍ଭ ନାମ ସର୍ବତଃ ଫକୀର ମୋହନ ସେନାପତି ।

ଉକିଲ—ପିତା ?

ଫକୀର ମୋହନ—ପିତାଙ୍କ ନାମ ଈଶ୍ୱର ଲକ୍ଷ୍ମଣ ସେନାପତି ।

ଉକିଲ—ବାସସ୍ଥାନ ?

ଫକୀର—ସାକିନ ମଲ୍ଲିକାଶପୁର, ଥାନା ସଦର, ଜିଲ୍ଲା ବାଲେଶ୍ୱର ।

ଉକିଲ—ବ୍ୟବସାୟ ?

ଫକୀର—ବ୍ୟବସାୟ.. ଏଇ ଯନ୍ତ୍ରଯାଉ ଗୃହାଦ ।

Digitized by PPRACHIN, SOA

ଓକିଲ—ଗୃହସ୍ଥ ? ଆପଣ ଗୃହସ୍ଥ କରନ୍ତି ? କି ଗୃହସ୍ଥ କରନ୍ତି ?

ଫକୀର—ନା ଏବେ ସିନା କରୁନାହୁଁ ପୂର୍ବରୁ ଆମ୍ଭେ ସାହିତ୍ୟ ଗୃହସ୍ଥ କରୁଥିଲୁ ।

ଓକିଲ—ମିଛ କହିଲେ ।

ଫକୀର—ନାହିଁ ଆଜ୍ଞା ମିଛ କହିବୁ କେମନ୍ତ ? ଗୀତା ଛୁଇଁଛୁ ପରା, ହାତରେ ଗୀତା ଧରି କେ ମିଛ କହି ହେବ ?

ଓକିଲ—ସେ କଥା କାହିଁକି କହୁଛନ୍ତି, ଆପେ ପରା ଓକିଲ, ଗୀତା ଛୁଇଁ ମିଛ କହିବାର କେତେ ନଜିର ଆମ୍ଭଠାରେ ମହଜୁଦ ଅଛି । ଆଜିକାଲି ଅଦାଲତରେ ଗୀତା ଛୁଇଁବା ଏକ ପ୍ରହସନ ।

ଫକୀର—ଏ କଣ କହିଲେ, ଗୀତା ଛୁଇଁବା ଏକ ପ୍ରହସନ ?

ଓକିଲ—ଆଉ, ପ୍ରହସନ ନୁହେଁ ତ ଆଉ କଣ ?

ଫକୀର—ହେଲେ ମହାମାନ୍ୟ ଧର୍ମାବତାର ! ଯଦି ଆପଣ ଏ ଗୀତା ଛୁଇଁବାଟାକୁ ଏକ ପ୍ରହସନ ବୋଲି ବିଚାରୁଛନ୍ତି, ତା ହେଲେ ବିଚାରି ସେ କସାହ ପୁସ୍ତକ ଖଣ୍ଡିକୁ ଜାଣି ଜାଣି ଏ ମିଛମାୟା ଭିତରେ କାହିଁକି ବୁଡେଇ ଶ୍ରାନ୍ତା କରୁଛନ୍ତି ? (ସମସ୍ତେ ହସିଲେ)

ଜଜ—ଅର୍ଡର ! ଅର୍ଡର ! ତାହା ହେଉଛି ବିଚାର ବିଭାଗର ଅନୁମୋଦିତ ପନ୍ଥା। ସେ ବିଷୟରେ କିଛି ମନ୍ତବ୍ୟ ଦେବାପାଇଁ ଆପଣଙ୍କୁ ଏ କାଠଗଡ଼ାରେ ଛିଡା କରାଯାଇନି । ଗୀତା ଛୁଇଁ ଆପଣ ମିଛ କହିଥିବାରୁ ଆପଣଙ୍କ ଉପରେ ଆରୋପ କରାଯାଉଛି ।

ଫକୀର—ଆମ୍ଭେ ପୁଣି ଥରେ ଗୀତା ଛୁଇଁ କହୁଛୁ ମିଥ୍ୟା ଆମ୍ଭେ ଆଦୌ କହିନାହୁଁ, ଯାହା କହିଛୁ ତାହା ସତ କହିଅଛୁ ।

ଓକିଲ—ଆଚ୍ଛା, ଆପଣ ସାହିତ୍ୟ ଗୃହସ୍ଥ କରନ୍ତି ? ଏ କଥ ସତ ?

ଫକୀର—ଖାଣ୍ଟି ସତ ।

ଓକିଲ—ଆପଣ ଯଦି ସାହିତ୍ୟ ଗୃହସ୍ଥ କରନ୍ତି, ତା ହେଲେ ଆପଣ ନିଜେ ଆପଣଙ୍କ ଆତ୍ମ ଜୀବନୀ ଚଣ୍ଡରେ ରାଜାଙ୍କ ପାଖରେ ଦେୱାନ ଥିବାର ଲେଖିଛନ୍ତି କାହିଁକି ?

ଜଜ—ଆପଣ କଣ ରାଜାଙ୍କ ପାଖରେ ଦେୱାନ ଥିଲେ ?

ଫକୀର—ହଁ ଦେୱାନ ଥିଲୁ । ତାହା ବି ସତ୍ୟ, କିନ୍ତୁ ଆମ୍ଭର ମୂଳବୃତ୍ତି ଥିଲା ସାହିତ୍ୟ ଗୃହସ୍ଥ ।

ଜଜ—କିପରି ?

Digitized by PPRACHIN, SOA

ଫକୀର—ଆଜ୍ଞା ଧର୍ମାବତାର ! ଏ ହେଲା ଓଟର୍ ଯୁଗରେ ସାହିତ୍ୟ ସୃଷ୍ଟି କଲେ ସିନା ମନ ପୂରିବ, ପେଟ କଣ ପୂରିବ ? ଆଉ ପେଟ ଯେତେବେଳେ ସବୁ ନାଟର ନଟ ପେଟ ନ ପୂରିଲେ ସାହିତ୍ୟ ନା ଫାହିତ୍ୟ ? ତେଣୁ ପେଟ ପୂରିବା ପାଇଁ ଅବଶ୍ୟ କେତେବେଳେ ଦେଓ୍ୱାନ ତ କେତେବେଳେ ଶିକ୍ଷକ ଥିଲୁ । କିନ୍ତୁ ଆମ୍ଭର ମୁଖ୍ୟ ବ୍ୟବସାୟ ଥିଲା ସାହିତ୍ୟ ।

ଓଜଲ—ତା ହେଲେ ଆପଣ ଏ ମହାଶୟଙ୍କୁ ଜାଣିଥିବେ ?

ଫକୀର—ଏ ମହାଶୟ— .....? ନା...... ଠିକ୍ ଭାବେ ସ୍ମରଣ କରିପାରୁନୁ ।

ଓଜଲ—ଏ ମହାଶୟ ହେଉଛନ୍ତି ସରସ୍ୱତୀ ଛାପାଖାନାର ପୂର୍ବତନ ପ୍ରୋପ୍ରାଇଟର ଗିରିଧାରୀ ମହାପାତ୍ର ।

ଫକୀର—ସରସ୍ୱତୀ ଛାପାଖାନା... ? ଗିରିଧାରୀ ମହାପାତ୍ର ଓ ମାହାପାତ୍ର ମାହାଶୟ ଦଣ୍ଡବତ ଦଣ୍ଡବତ ହଁ ଏବେ ଚିହ୍ନିଗଲୁ. ଯାହାହେଉ ଅଖିଳ ବ୍ରହ୍ମାଣ୍ଡପତି ଆପଣଙ୍କୁ ଏ ଯାବତ୍ ଜୀବନରେ ରଖିଛନ୍ତି ।

ମହାପାତ୍ର—ତିନି ତିନି ଥର ମରି ପୁଣି ତିନି ଥର ଜନମ ହେଲିଣି ।

ଫକୀର—ଏଁ ! କଣ କହିଲେ ତିନିଥର ? ଠିକ୍ ଭାବେ ହିସାବ ରଖିଛନ୍ତି ନା ?

ମହାପାତ୍ର—କଣ ହେଲା ହିସାବ ? ହେଉଛି ଆମ୍ଭ ନାମ ଗିରିଧାରୀ ମାହାପାତ୍ର ହେଇପାରୁ ମନଲୋକ, କିନ୍ତୁ ହିସାବ କିତାବ ବେଳେ ଆମ୍ଭେ ଏକବାରେ ଖାଣ୍ଟି ଟିପେ ଗୁଜୁରାଟୀ । ତା ହୋଇ ନଥିଲେ ତୁମ୍ଭ ଭଳିଆ ଲୋକଙ୍କୁ ଫେଏରେ ନାଲିସ କରି ସ୍ୱର୍ଗରୁ ପୋଷାକ ଆଣି ପାରିଥାନ୍ତୁ ?

ଫକୀର—ହେଲେ ମାହାପାତ୍ରେ । ଆମ୍ଭେ ତ ତେର ଚେଷ୍ଟା କଲୁଣି ଆଉ ଥରେ ମର୍ତ୍ତ୍ୟରେ ଜନ୍ମ ହୁଅନ୍ତୁ ବୋଲି, ଥରୁଟିଏ ବି ସୁଯୋଗ ପାଉନୁ ଆପଣ କେମନ୍ତ ଭାବେ ?

ମାହାପାତ୍ର—ତୁମ୍ଭେ ଜନ୍ମ ହେବ ତୁମ୍ଭର ସେ କର୍ମଫଳ କାହିଁ ?

ଓଜଲ—ଆପଣଙ୍କ ବିରୁଦ୍ଧରେ ଶ୍ରୀଯୁକ୍ତ ମହାପାତ୍ର ଏକ ଅଭିଯୋଗ ଆଣିଛନ୍ତି ।

ଫକୀର—ହେବେ ନା କଣ ? ହଉ ଆସନ୍ତୁ, ଭଲକଥା ।

ଓଜଲ—ଆପଣ ତାଙ୍କ ଛାପାଖାନାରେ କେତେଖଣ୍ଡ ବହି ଛାପିଥିଲେ ?

ଫକୀର ଛାପିଥିବୁ, ଆମ୍ଭେ ଯେତେବେଳେ ସାହିତ୍ୟ କରୁଥିଲୁ । ଆଉ ମାହାପାତ୍ରେ ଯେତେବେଳେ ଛାପାଖାନା ବସାଇଥିଲେ ଆମ୍ଭେ ଅବଶ୍ୟ କେତେବେଳେ କେମିତ ଛପାଛପି କରିଥିବୁ, ହେଲେ ଆମ୍ଭର ଏତେ କଥାକୁ ହେଜ ନାହିଁ ।

ଓଜଲ—କିନ୍ତୁ ତାଙ୍କର ପାଉଣା ଆପଣ ସୈଠ କରିନାହାଁନ୍ତି ।

ଫକୀର—ପାଉଣା ? ନା ଆମ୍ଭର ତ ସେ କଥା କୁ ଆଦୌ ହେଜ ନାହିଁ ।

Digitized by PPRACHIN, SOA

ମହାପାତ୍ର—କଣ ଚହ୍ଲ ହେବ ନାହିଁ ? ଆମ୍ଭଠି ରସିଦ ଅଛି ।

ଫକୀର—ରସିଦ ଅଛି ?

ଓକିଲ - ହଁ ସେ ରସିଦ ଦେଖଉଛନ୍ତି ।

ଫକୀର - ରସିଦ ଦେଖଉଛନ୍ତି ? ହଉ ରସିଦ ଯଦ ଦେଖାଉଥିବେ ତା ହେଲେ ଅବଶ୍ୟ ବିଶ୍ୱାସ କରାଯାଇ ପାରେ ନ ହେଲେ ଇମିତ କଥାରେ କହି ଦେଲେ ଆମ୍ଭର ଆଦୌ ହେବ ନାହିଁ ବୋଲି ସଫା କରି କହିଦେବୁ । କାରଣ ଆମ୍ଭେ ହେଲୁ ସାହିତ୍ୟ-ବୃତ୍ତୀ କଥା କହିଲା ବେଳେ କାଲି ବାଙ୍କି ନେଲା ବେଳେ ସବୁ କଥାରେ ହଁ ଭରୁ ଥାଉ ଆଉ ଶୁଝିଲା ବେଳକୁ ଯାବତ କଥା ଭୁଲିଯାଉ ।

(ସମସ୍ତେ ହସିଲେ)

ଜଜ—ଅଡ଼ର ! ଅଡର ଆପଣ ସିନା ଭୁଲିଗଲେ ହେଲେ ସେ ଭୁଲି ନାହାନ୍ତି । ଆପଣଙ୍କ ଠାରୁ ସମସ୍ତ ପ୍ରାପ୍ୟ ଅସୁଲ କରିବା ପାଇଁ ସେ କାଲେ ଡଜନଥର କନ୍ଦ ହେଲେଣି ଏବଂ ଏଥର ସେ ଆମ୍ଭ ଭକଲସରେ ଆପଣଙ୍କ ନାଁରେ ନାଲିସ କରିଛନ୍ତି । ଆପଣ ତାଙ୍କର ସମସ୍ତ ପ୍ରାପ୍ୟ ସୈଠ କରନ୍ତୁ ନ ହେଲେ ଆପଣଙ୍କୁ ଜେଲରେ ଠୁଙ୍କି ସେ ତାଙ୍କର ପ୍ରାପ୍ୟ ବୁଝି ପାଇବେ ।

ଫକୀର—ହଉ ହେଲା, ଯଦ ମହାପାତ୍ର ମହାଶୟଙ୍କର ଆମ୍ଭଠାରେ କଛି ପାଉଣା ବକେୟା ଥିବ ତା ହେଲେ ଆମ୍ଭେ ତାହା ପରିଶୋଧ କରିବୁ ଅବା ଜଥଳ ଭୋଗିବୁ ହେଲେ ଏ ଅକ୍ଷାଞ୍ଚନର ଏକମାତ୍ର ଅର୍ଜି

ଜଜ - ଅର୍ଜି ? କଣ ?

ଫକୀର—ଆଜ୍ଞା ଧର୍ମାବତାର ! ଆମ୍ଭର ବିନତ ସେକବ । ହୁଅନ୍ତୁ ଆମ୍ଭେ ହେଲୁ ସ୍ୱର୍ଗବାର୍ତ୍ତା ଚେର କଛି ଦନ ହେଲା ମର୍ତ୍ତ୍ୟରୁ ବିଦାୟ ନେଲୁଣି ; ତେଣୁ ଏ ମର୍ତ୍ତ୍ୟର ଆଦବ କାଇଦା ସବୁ ପାସୋର ଦେଲୁଣି ଯଦ ମହା ମହମ ମାନ୍ୟବର ଅଦାଲତଙ୍କର ଆମ୍ଭପ୍ରତ କୃପା ଜାତ ହେଲା ପୁଣି ଏ ଅକ୍ଷାଞ୍ଚନକୁ ମର୍ତ୍ତ୍ୟ ପର୍ଯ୍ୟନ୍ତ ବାନ୍ଧ ଆଣି ପାରିଲେ ତା ହେଲେ ଆଉ କଅତ୍ ଦୟା ପ୍ରଦର୍ଶନ ପୂର୍ବକ ଆମ୍ଭଙ୍କୁ ଉପକୃତ କରାଇଲେ ଆମ୍ଭେ କୃତଜ୍ଞ ରହନ୍ତୁ ।

ଜଜ— ଯାହା କହିବାର ଅଛି ନର୍ଭୟରେ କହ ପାରନ୍ତି ।

ଫକୀର—ମାନ୍ୟବର ମହାପ୍ରାଣ । ଆମ୍ଭନାମ ଫକୀର ମୋହନ । ତେଣୁ ନାମ ଅନୁସାରେ ଆମ୍ଭ ଅଙ୍ଗାମୁଣି ହରସମୟ ଫାଙ୍କା ରହିବାର ନଜର ଅବଶ୍ୟ ରହିଥାଇ ପାରେ କନ୍ତୁ ଆମ୍ଭେ ଖୁବ୍ ଢଲ୍ ବାଲି ଢଲ୍ ଆମ୍ଭର ସଦାବେଳେ ଖୁସି, ରହିବାର ନଜର ବି ଆପଣମାନଙ୍କ ପାଖରେ ରହିଥିବ । ଯଦ ମହା ମହମା ଆମ୍ଭଙ୍କୁ ଆଜ୍ଞା କରନ୍ତେ ତେବେ ଆମ୍ଭେ କପର ଏବଂ କେଉଁ ପରିପ୍ରେକ୍ଷୀରେ ମହାପାତ୍ର ମହାଶୟଙ୍କ ଠାରୁ ଅର୍ଥ କରଜ କଲୁ ଏବଂ କେଉଁପର ଭାବେ

Digitized by PPRACHIN, SOA

ପରିଶୋଧ କଲୁ, ତାହାର ଏକ ବିସ୍ତୃତ ବୟାନ ଦିଅନ୍ତୁ ।

ଜଜ—ଦିଅନ୍ତୁ, ଅଦାଲତ ଆଜି ସବୁ କଥା ଶୁଣିବାକୁ ପ୍ରସ୍ତୁତ କାରଣ କେବଳ ଏହି ମରଣୋତ୍ତର ମୋକଦ୍ଦମାର ଫଏସଲା ପାଇଁ ଏ ସ୍ୱତନ୍ତ୍ର ଅଦାଲତ ବସିଛି, ତେଣୁ ଯାହା କହିବାର ଅଛି ସଂକ୍ଷେପରେ କୁହନ୍ତୁ ।

ଫକୀର—ଯଥାଆଜ୍ଞା ହଜୁର । ସେଦିନ ଥାଏ ରବିବାର ସାହେବଙ୍କ କଲଟେଜ ସବୁ ଛୁଟି ଆମ୍ଭର ମଧ୍ୟ ସମୟ ଅବସର ଥାଏ ମନଟା କେମିତି ଫିକା ଫିକା ଲାଗିଲା ମନଟାକୁ ତ ଜାଣିଥିବେ ତାକୁ ସାନ୍ତ୍ୱନା କଲି । ଏଣେ ଶ୍ରୀମତୀଙ୍କର ତ ହୁକୁମ କଡ଼ା, ଯାହା ହେଉ ହାଟ କରି ବାହାରିଲି ସେତେବେଳେ ଆଜ୍ଞା ହାତରେ ନାହିଁ ଧନ, ହାଟ ବାଟକୁ ମନ ମନେ ମନେ ଭାବିଲି ଚିଜ ବିନା କିଣି ହେଲେ ହାଟରେ ବୁଲିବା କଣ ମନା ? ବାଟ ଆଡ଼େ ମୁହାଁଇଲି ।

(ଧୀରେ ଧୀରେ ଆଲୋକ ବଦଳି ଯାଏ ମଞ୍ଚ ବଦଳି ଯାଏ ଚରିତ୍ରମାନେ ମଧ୍ୟ ବଦଳି ଯାଆନ୍ତି ଆଲୋକ ଆସେ ଏକ ସାପ୍ତାହିକ ବଜାର ହାଟକୁ । ସେହି ହାଟକୁ **Left Zone, Right Zone ଓ Back Zone** ଆଦି ତିନୋଟି ମୁଖ୍ୟ ଭାଗରେ ବିଭକ୍ତ କରାଯାଇପାରେ, ନଚେତ୍ ସମଗ୍ର ମଞ୍ଚକୁ ମୁକ୍ତ ଆଲୋକରେ ପରିକଳ୍ପନା କରାଯାଇପାରେ ସମ୍ପୂର୍ଣ୍ଣ ଆଲୋକ ଆସିବା ପ୍ରକ୍ରିୟା ମଧ୍ୟରେ କମେଣ୍ଟ୍ରି କବିତା ଶୁଣାଯାଉଥାଏ ।)

କବିତା—(ଫକୀର ମୋହନଙ୍କ ସ୍ୱରରେ ଆବୃତ୍ତି କରିବା ଆବଶ୍ୟକ)

ଦେଖିଲି ସଂସାରେ ବସିଛି ହାଟ
ଲୋକ ଗହଳରେ ନମିଳେ ବାଟ
ଦୋକାନ ପସରା ଧାଡ଼ିକି ଧାଡ଼ି
ବାଟ ଦୁଇପାଖ ବସିଛି ମାଡ଼ି
ଭୁଲାଇବା ପାଇଁ ଗହକ ମନ
ହାଟୁଆଙ୍କ ଦେଖ କେଡ଼େ ଯତନ
ବାହାରିଲି ହାଟ ଦେଖିବା ପାଇଁ
ଦୋକାନମାନଙ୍କୁ ଦେଖିଲି ଚାହିଁ ।

(**Central Zone**ରେ ଫକୀର ମୋହନ ଓ ମକରା)

ଫକୀର—ଚୁଟିଲୁକରେ ମକରା !

Digitized by PPRACHIN, SOA

ମକର୍—ଆଜ୍ଞା, ବୁଝି ଗଲି ।

ଫକୀର—କଣ ବୁଝିଲୁ ?

ମକର୍—ଏଇ ବାଇଗଣ ବାଡ଼ିକୁ ପାଣି ବାହୁବା କଥାତ ?

ଫକୀର—କବେ ବାଇଗଣ କଣ ଆଉ ଚଳୁଛି ? ଏବେ ପରା ବଲଡ ଆଳୁର ବଜାର

ମକର୍—ଯତେ ନା କସ ?

ଫକୀର—ଆଉ,

ମକର୍—ହେଇଥିବ, ଆଜ୍ଞା ଯାଆନ୍ତୁ । ଏଠି କସ ଏତେ ଲୋକ ?
ଏଟା କସ କି ?

ଫକୀର—ଆରେ ଏଇଟା ପରା ହାଟ

ମକର୍—ହାଟ, ହେଲେ ଚଳ ଯିବା ?

ଫକୀର—ଏଟା ପରା ସଂସାର ହାଟ, ଦେଖିଲୁ ।

ମକର୍—ସଂସାର ହାଟ ? (Freeze)

(Right Zoneରେ ଅନ୍ୟ ଚରିତ୍ରମାନେ ହାଟୁଆ ଭଙ୍ଗୀରେ)

ଗ୍ରାହକ ଗ୍ରାହକ—ଆସ ବାବୁ ଆସ ହାଟେ ହାଟେ ଆସ ବାଟେ ବାଟେ ଆସ,

ଗ୍ରାହକ—ରଖିଛି ଟିକେ ଅଧିକ ।

ଗ୍ରାହକ—ଚୋରା ବଢ଼ିଆ ମାଲ

ଗ୍ରାହକ—ଟଙ୍କା ଦେଇ ବାଛି ନିଅ ବାବୁ ଚହଳ

ଗ୍ରାହକ—ବଢ଼ିଆ ମାଲବାବୁ ଠକାଠକି ଭଣ୍ଡା ଭଣ୍ଡି ନାହିଁ ବାବୁ । ଖାଣ୍ଟି ମାଲ
ବାବୁ । ଆସ ବାବୁ ଆସ

ଗ୍ରାହକ—ହେଲେ ବାବୁ ହୁସିଆର ହୋଇ ଆସୁଥିବ ।

ଗ୍ରାହକ—ମୁଣିକି ଧରି କଣ୍ଠକୁ ଗୁହିଁ ବାଟ ଚାଲୁଥିବ ।

ଗ୍ରାହକ—ନହେଲେ ?

ଗ୍ରାହକ—ଏଠାରେ କଣ୍ଠକଟା ଲୋକର ଅଭାବ ନାହିଁ ।

ଗ୍ରାହକ—କଣ୍ଠ କାଟି ନେବେ ।

(Right Zone ଅନ୍ଧାର ହୁଏ)

Contral Zone

ଫକୀର—ମକର୍ !

Digitized by PPRACHIN, SOA

ମକର୍—ଧରିଛୁ ଆଜ୍ଞା ।

ଫକୀର - କରେ କଅଣ ?

ମକର୍—କଣ୍ଠଟାକୁ ।

ଫକୀର—ହଁ ଆଉକଣ କଣ୍ଠଟାକୁ ଧରଥା, ଅଙ୍ଗା ମୁଣ୍ଡିତ ଫାଙ୍କା କଣ୍ଠଟା ହେଲେ ଥାଉ

ମକର୍—ମୋର ସେଥିକି ନଜର ଅଛି ।

ଫକୀର—ଏଇ ଦେଖ୍ ଏ ପାଖେ ଧାଡ଼ି ସେ ପାଖେ ଧାଡ଼ି

ମକର୍—ମଝିରେ ଦାଣ୍ଡିଆ ଗୁଡ଼ାଏ ବଡ଼ ।

(ପାଟି କରି ପଶି ଆସନ୍ତି ବ୍ରେକଡ ଗ୍ରେକଡ)

ବ୍ରେକଡ— ନାଇଁ ନାଇଁ ତୁ କଣ ଭାବୁଛୁକି ?

ଗ୍ରେକଡ ତୁ ଆଉ କଣ ଭାବୁଛୁ କି?

ବ୍ରେକଡ—ତୁ ହାତ ମଚିଟାରେ ମୋ କଣ୍ଠଟାକୁ ଟାଣିନବୁ ?

ଗ୍ରେକଡ—କଚ୍ଛଟାକୁ ଟାଣିନେଲ ବୋଲି ତୁ ମୋତେ ପିଟିଦବୁ ?

ବ୍ରେକଡ—ପିଟିନାହିଁ ଆହୁରି ପିଟିବ ।

ଗ୍ରେକଡ – କଣ ହେଲ୍ ଅହୁରି ପିଟିବୁ ?

ବ୍ରେକଡ—ଆଉ ଏଣିକି ହାତରେ ନୁହେଁ କ ଠେଙ୍ଗାରେ ନୁହେଁ ସିଧା ଯୋତାରେ ପିଟିବ

ଗ୍ରେକଡ— ଏଁ ! ଏତେ ବାହାପ ! ତୁ ମୋତେ ଯୋତାରେ ପିଟିବୁ ?

ବ୍ରେକଡ—ହଁ ହଁ (ଯୋତା ନାହିଁ ଏଣେ ତେଣେ ଖୋଜେ)

ଫକୀର— କଣ ହେଲା, କଣ ହେଲା ବାବୁ ?

ଗ୍ରେକଡ—ଦେଖ, ଦେଖ ବାବୁ ଉମ ଗୁମ୍ଫଲଟା । ତାଙ୍କ ଗୁମ୍ଫଲରେ ତୋ ଗାଲଟାକୁ
ଘଷି ନାଲ ନ କରିଛି ତାହେଲେ ମୁଁ ଫକଡ ପଧାନ ପୁଅ ନୁହେଁ ।

ବ୍ରେକଡ—ଏ ଗ୍ରେକଡ ! ଖବରଦାର ତୁହି କହି ଦେଉଛି, ମୋ ବାପ ନାଁ ଉଠାନା,
ତୋ ମୁଣ୍ଡ ଭାଙ୍ଗି ଦେବି ।

ଗ୍ରେକଡ—ବ୍ରେକଡ ! ତୁହି ସୁଦ୍ଧି କଥା କହୁ ମୋ ବାପ ନାଁ ମୁଁ ଉଠଉଛି ସେଥିରେ
ତୋ ବାପର କଣ ଗଲା ?

ବ୍ରେକଡ—କଣ କହିଲୁ, କଣ କହିଲୁ, ବେ ଫକଡ ପଧାନ ମୋ ବାପ

ଗ୍ରେକଡ—ଆଉ ଫକଡ ପଧାନ କଣ ମୋ ବାପ ନୁହେଁ ?

ବ୍ରେକଡ—ବେ ଫକଡ ପଧାନ ମୋ ବାପ ।

Digitized by PPRACHIN, SOA

ଗ୍ରେକଡ— ଫକଡ ପଧାନ ବି ମୋ ବାପ ।

ଗ୍ରେକଡ   ମୋ ବାପ

ଗ୍ରେକଡ—ମୋ ବାପ (ସ୍ୱରରେ ଉଭୟେ freeze)

ମକର୍—ଯାଆନ୍ତେ ଇଏ କ କଥା, ଇଏ କହୁଛ ଇଏ ଫକଡ ପଧାନ ପୁଅ, ସିଏ କହୁଛ ସିଏ ବି ଫକଡ ପଧାନ ପୁଅ ।

ଫକୀର—ଅରେ ଯେତେତ ! ତେବେ ତ ଏମାନେ ଦୁଇ ଭ୍ରାତା ।

ମକର୍—ଦୁଇ ଭ୍ରାତା.... .. — – !

ଫକୀର - ଭାଇ ଭାଇ କଳି କରୁଛନ୍ତି· ହରରେ ବାବୁ

ଗ୍ରେକଡ—ବାବୁ ଦବଡ ଦବଡ ତମ ଗ୍ରୁପୁଲଟା ।

ଗ୍ରେକଡ—ଦବଡ ବାବୁ ତା ଗାଲଟାକୁ ଯେକ ଧଏଁ ।

ଗ୍ରେକଡ—ଦବଡ ବାବୁ !

(ଫକୀର ମୋହନଙ୍କ ଗୋଡରୁ ଯୁଦ୍ଧା ଛଡ଼ାଇବା ପାଇଁ ତତ୍ପର ହୁଅନ୍ତେ)

ଫକୀର—ଅରେ ବୁହୁରେ ବୁହୁରେ ବାବୁ !

ମକର—ହରହୋ ବାବୁ ! ନକର ତ ଗ୍ରୁପୁଲ ନାହିଁ । ପରଠୁ ଗ୍ରୁପୁଲ କରିକ ନେଇ ଭାଇକୁ ପିଟିବ ।

ଫକୀର—କାହିଁକ ପିଟିବ କଣ ହୋଇଛୁ ବୁହୁ ?

ଗ୍ରେକଡ—ତମେ କଣ ଶୁଣିବ ବାବୁ, ମୁଁ ଶଳା ଗ୍ରେକଡକୁ ଯଦ ସାବାଡ ନକରିଛ ତାହେଲେ-

ଗ୍ରେକଡ—କଣ ହେଲ, ଏ ହାଟ ମଝିରେ ମୋତେ କହୁଛୁ ଶଳା ?

ଗ୍ରେକଡ— କହିଲି ବେଶ୍ କଲି,

ଗ୍ରେକଡ—କଣ କହିଲୁ ହାରାମଜାଦା !

ଗ୍ରେକଡ—କଣ ହେଲ, ମାରିବୁ ? ନାଇଁ ନାଇଁ ମୋତେ ମାରିବୁ ।

ଗ୍ରେକଡ— ନା ଗୁଣ୍ଡିଦେବ ?

ଫକୀର—ଆରେ ଆରେ ବୁହୁରେ, ଭାଇ ଭାଇ ଏମିତ କଳି କରିବା କଣ ଉଚିତ ?

ଗ୍ରେକଡ—ଭାଇ ? କୋଉ ଶଳା ଭାଇ ?

ଗ୍ରେକଡ – ମୁଁ [illegible] ନାଇଁ ସେ ନାଲିଷ କରିବ ।

Digitized by PPRACHIN, SOA

ସ୍ୱେକଡ—ନାଲିସ ! (ପ୍ରଥମ ଓକିଲଟେ ଆସେ)

ପ୍ରଥମ ଓକିଲ—କଣ ହେଲା ସ୍ୱେକଡ ?

ସ୍ୱେକଡ—ଦେଖ ଓକିଲ ବାବୁ ଦେଖ ଏ ଶଳା ମାଛିଖିଆ ସ୍ୱେକଡ ମୋତେ ଖେମିଠ
ଏ ହାଟ ମଝିଟାରେ ବେଇଜ୍ଜତ କରୁଛି ।

ପ୍ରଥମ ଓକିଲ—ଏଁ କଣ ହେଲା, ତମକୁ ବେଇଜ୍ଜତ ?

ସ୍ୱେକଡ—ହଁ

ପ୍ରଥମ ଓକିଲ—ମୁଁ ଥାଉ ଥାଉ ?

ସ୍ୱେକଡ—ଆଉ ?

ପ୍ରଥମ ଓକିଲ—ପୁଣି ହାଟ ମଝିଟାରେ ?

ସ୍ୱେକଡ—ସେଇ କଥା

ପ୍ରଥମ ଓକିଲ—ମୋତେ ଚିହ୍ନିନି ।

ସ୍ୱେକଡ – ନା

ପ୍ରଥମ ଓକିଲ—କହୁ ଚିନ୍ତା ନାହିଁ ତାକୁ ଦଉଛୁ ପାନେ ।

ସ୍ୱେକଡ—ଦଅନ୍ତୁ ତ ପାନେ ।

ପ୍ରଥମ ଓକିଲ ଆସ, ଆସ ମୋ ସାଙ୍ଗରେ ତା ନାଆଁରେ ଗୋଟେ ମାନହାନି
ମୋକଦ୍ଦମା ଠୁକି ଦେଲେ ବାପକୁ ଦାଦା କହୁ ଗୋଡ ତଳେ ଆସି
ମୁଣ୍ଡିଆ ମାରିବ ।

ସ୍ୱେକଡ଼—ଆଃ ବଢ଼ିଆ ହବ । ଦଅନ୍ତୁ ଠୁକ ମୋକଦ୍ଦମା ।

ସ୍ୱେକଡ଼—ଏଁ ! ମୋକଦ୍ଦମା ! [ଦ୍ୱିତୀୟ ଓକିଲ ଆସେ]

ଦ୍ୱିତୀୟ ଓକିଲ—ମୋକଦ୍ଦମାକୁ ଭୟ କରନା ସ୍ୱେକଡ ମୁଁ ଅଛି ।

ସ୍ୱେକଡ—ଓକିଲ ଆଜ୍ଞା ମୋତେ ରକ୍ଷା କରନ୍ତୁ ।

ଦ୍ୱିତୀୟ ଓକିଲ—ସିଏ ମାନହାନି ମୋକଦ୍ଦମା କରିବ ତ ! କରୁ ! ସିଏ ମାନହାନି
ମୋକଦ୍ଦମା କଲେ ଆମେ ତା ନାଆଁରେ ଧ୍ୱହାଜାନି ମୋକଦ୍ଦମାଟେ
କରିଦେବା ।

ସ୍ୱେକଡ଼ – ହଁ ବଢ଼ିଆ ହବ, କରନ୍ତୁ, ଘହାଜାନି କରନ୍ତୁ ।

ସ୍ୱେକଡ—ଏଁ ଘହାଜାନି ! ଆଜ୍ଞା ସିଏ ଘହାଜାନି କରିଦବ ?

ପ୍ରଥମ ଓକିଲ—ଚିନ୍ତା ନାହିଁ, ସିଏ ଘହାଜାନି କରିବତ କରୁ, ଆମେ ତାକୁ ସ୍ୱେଷ
କେଶ୍‌ରେ ପକେଇ ଦବା ।

ଗ୍ରେକଡ଼—ହଁ ! ବଢ଼ିଆ ହବ, ପତ୍ରରେ ପୁଅ ପଡ଼ !

ଗ୍ରେକଡ଼—ଆଜ୍ଞା ଗ୍ରେଷ୍ଠ !

ଦ୍ୱିତୀୟ—ଆମେ ତାଙ୍କୁ ନାସ୍ତ କେଶ୍‌ରେ ପକେଇ ଦବା !

ଗ୍ରେକଡ଼—ନାସ୍ତ କେଶ୍ ? ଜମିଯିବ ଆଜ୍ଞା, ଏବେ ପତ୍ରରେ ପୁଅ ନାସ୍ତ କେଶ୍‌ରେ ପଡ଼

ଗ୍ରେକଡ଼—ଆଜ୍ଞା ନାସ୍ତ କେଶ୍

ପ୍ରଥମ ଓକିଲ—ଭୟ କରନ ଆମେ ତାଙ୍କୁ ଅବକାସ୍ତ କେଶ୍‌ରେ ପକେଇ ଦବା !

ଗ୍ରେକଡ଼—ହଁ ବଢ଼ିଆ ହବ !

ଗ୍ରେକଡ଼—ଆଜ୍ଞା ଅବକାସ୍ତ

ଦ୍ୱିତୀୟ ଓକିଲ—ଅବକାସ୍ତ ? ଆମେ .. ....ଆମେ

ଗ୍ରେକଡ଼—ଆମେ ?

ଦ୍ୱିତୀୟ ଓକିଲ—କିଛି ନ ମିଳିଲେ ତାଙ୍କୁ ଜେନାକାସ୍ତ କେଶ୍‌ରେ ପକେଇ ଦେବା !

ଗ୍ରେକଡ଼—ଜେନାକାସ୍ତ ? ଏଇ ଥର ପୁଅ ଯିବୁ କୁଆଡେ ?

ଗ୍ରେକଡ଼—ଆଜ୍ଞା ଇମିତ ଗୋଟେ କେଶ୍ କରନ୍ତୁ ଯିଏ ଯିମିତ

ଗ୍ରେକଡ଼—ଜୀବନ ସାରା

ଗ୍ରେକଡ଼—ଘଣା ପେଲୁଥିବ !

ଗ୍ରେକଡ—ଘଣା ପେଲୁଥିବ !

(ଦୁଇ ଓକିଲ ହସା ହସି ଠସ ଠସ ହୁଅନ୍ତି)

ପ୍ରଥମ ଓକିଲ—ତମେ ଖାଲି ଅଣ୍ଡିଟାକୁ ଟାଣ କରି ମାରି ଦିଅ !

ଦ୍ୱିତୀୟ ଓକିଲ—ତା ପରେ ଦେଖିବ !.

ଗ୍ରେକଡ—ବାବୁ ଦରକାର ପଡ଼ିଲେ ମୁଁ ମୋ ବଳଦ ବକ ଦେବ !

ଗ୍ରେକଡ—ମୁଁ ମୋ ଲଙ୍ଗଳ ବନ୍ଧ ଦେବ !

ଗ୍ରେକଡ—ମୁଁ ମୋ ଜମି ବକ ଦେବ !

ଗ୍ରେକଡ—ମୁଁ ମୋ ବାଡ଼ି ବକ ଦେବ !

ଫକୀର—ଆରେ ବାବୁ ! ଗ୍ରେକଡ ଗ୍ରେକଡ ତମେ ପାଗଳ ହେଇ ଗଲ ! ନିଜ ନିଜ ଭିତରେ
ଏମିତ କଳି କରୁଛ କାହିଁ କ୍ଷତ ହବ କାହାର ?

ପ୍ରଥମ ଓକିଲ—ହଇଓ, ତମେ କିଏ ହୋ ?

ଦ୍ୱିତୀୟ ଓକିଲ—ଆମ ଗରାଖମାନଙ୍କ ବାଟ ଭାଙ୍ଗୁଛ ?

Digitized by PPRACHIN, SOA

ଫକୀର—ନାହିଁ ଆଜ୍ଞା ! କଥା କଣକି ଖାଇ ଖାଇ ସାମାନ୍ୟ କଥାରେ କଳି କରି ମାଲି ମୋକଦ୍ଦମାରେ ହଲ୍ରସଲ୍ର ହେବେ । ଏମିତି ଆପୋଷରେ ମିଳି ମିଶି ଗଲେ

ପ୍ରଥମ ଓଡ଼ଲ—ଆଉ, ଆମେ କଣ ଭକୁଆ ହୋଇ ରହିଥିବୁ ?

ଦ୍ୱିତୀୟ ଓଡ଼ଲ—ଆମେ କଣ ପୋଥିରେ ଡୋରି ବାନ୍ଧି ଦେଇ ମୂର୍ତ୍ତୀ ବଜେଇବୁ ?

ପ୍ରଥମ ଓଡ଼ଲ—ଆସ ସେ୍ରକେଡ ।

ସେ୍ରକେଡ—ହଁ ହଁ ଚାଲନ୍ତୁ ତାଙ୍କ କଥାରୁ କି ହବ ?

ଦ୍ୱିତୀୟ ଓଡ଼ଲ—ଆସ ହେ ସେ୍ରକେଡ ମୁଁ ଯଦି ସେ ସେ୍ରକେଡ ପଧାନଙ୍କୁ ହାଜତରେ ନ ପୂରେଇଛି ତା ହେଲେ ତା ହେଲେ ମୋ ନାଆଁରେ କୁତା ପାଳିବ ।

ପ୍ରଥମ ଓଡ଼ଲ—ହଉ ଦେଖିବା ।

ଦ୍ୱିତୀୟ ଓଡ଼ଲ—ଆସ ହେ ବରଗଛ ମୂଳକୁ ?

(ଦୁହେଁ ଦୁହିଁଙ୍କୁ ଟାଣି ନେଇଗଲେ)

ମକରା—ହାଆଲେ୍ର ! ଇଏ କି ଖେଳ କି ? ଏମାନେତ ଖାଇ ଖାଇ କଳି କଲେ ହେ କଳା କୃଷ୍ଣ ବାଲି କୁଆଡେ ଥିଲେ ଦୌଡ଼ି ଆସିଲେ ନମାଷାଡ କଲେନି ଆଉଣି ନାଁରେ କୁଟା ଛୁଇଁଲେ ଏବେ କଣ ହେବ ?

ଫକୀର ଆରେ. ହେ ଗୁଡା ସବୁ ବେପାରୀ ଖେଳ । ଖାଇ ଖାଇ ଭିତରେ ତଳ ଲଗେଇ ନିଜ ମୁଣି ପୁରେଇବା ତାଙ୍କ କାମ.... .... ଆଉ ଏ ବଡରା ଅକଲ୍‌ହରା ଓଡ଼ିଆ ବାପ ସମ୍ପତ୍ତିକୁ ଶ୍ରାଦ୍ଧ କରି ଫକଡରୁ ଫକଡରାମ ହେବାରେ ଲାଗିବେ

ମକରା—ଭଲ ପାଳିତ ।

ଫକୀର—ହଁ, ଇଏ ତ ଏ ହାଟର ଗୋଟେ ଦୋକାନ । ହାସ୍ୟ ସେଠିକି ଯାହାଁ, ସେଠି ସେ ଦୋକାନୀ ବଣାକାଠି ଧରି ବସିଛି ।

ମକରା—ବଣାକାଠି ?

ଫକୀର—ହଁ ହାତରେ ବଣାକାଠି

ମକରା - ଓ ତରାଜୁ ?

ଫକୀର—ହଁ ସେ ତରାଜୁରେ ମାପ କରି ନ୍ୟାୟ ବିଚାର ବିକୁଛି ।

ମକରା—ଆମେ ଟିକିଏ ସେ ଦୋକାନକୁ ଯାଆନ୍ତେ ।

ଫକୀର—ନାହିଁରେ କପାଳ ଫାଟିଲେ ଲୋକେ ସେ ଦୋକାନକୁ ଯାଆନ୍ତି ।

ମକରା—କପାଳ ଫାଟିଲେ··· ··· ·· (freeze)

Digitized by PPRACHIN, SOA

କବତା—ଦୋକାନରେ ମାଲ ନ୍ୟାଯ୍ୟ ଦରର
କଣେ ଯେ କପାଳ ଫାଟେ ଯାହାର
ହାତେ ବଣାଭାଠି ଦୋକାନୀ ଧଣ
ବସିଛନ୍ତି ଯମ ରାଜାଙ୍କ ପଣ ।

(ଧୀରେ ଧୀରେ ଅନ୍ଧାର ହୁଏ ଓ **Left Zone**କୁ **Light'** ଆସେ । ଗ୍ରେକଡ ଜଣେ ଅବଧାନ ହୋଇ ବେତଧଣ ଡାକ ଗ୍ରଜେ ।)

ଗ୍ରେକଡ—ଆସରେ ଗ୍ରୁଟ ! ପଢରେ ପାଠ
ଦେଖିବ ବାଟ ପ୍ରଶ୍ନ ପେଟ
ପିଠିରେ ବାଜଲେ ଗୃହାଳି ଗ୍ରୁଟ
ତେବେ ସେ କଣବ ଫଯାର ନାଟ ।

(ଫକୀର ମୋହନ ଓ ମକର୍ ଆସନ୍ତି)

ଫକୀର—ଓଲଗି ଅବଧାନେ ।

ଗ୍ରେକଡ—ହଁ ଓଲଗି, ଆସ ଆସରେ ଗହ କଏ, ଆସ ।

ଫକୀର—ଦେଖ୍ ଦେଖରେ ମକର୍ । ଏଇଟା ଅବଧାନେଙ୍କ ଗୃହାଳୀ ।

ମକର୍—ଓଲଗି ଅବଧାନେ ।

ଫକୀର—ଅବଧାନେ କ ମାଲ ଅଛୁ ?

ଗ୍ରେକଡ—ଏକଦାରେ ଖାଣ୍ଟି ଦେଶୀ ମାଲ ଅଛୁ ।

ମକର୍—ଦେଶୀ ମାଲ ?

ଗ୍ରେକଡ—ହଁ, ହରଣ, ଗୁଣନ, ମିଶାଣ, ଫେଡାଣ, ଶୁଭଙ୍କରୀ, ପାଙ୍କେଯକ ଯାହା ଗ୍ରହିଁବ ।

ମକର୍—ଓ ଏଇ ମାଲ ।

ଗ୍ରେକଡ—ଏଇ ମାଲ ତ ତେର, ଜଥାରେ ପର୍ ଅଛୁ । ହର ଗୁଣ ଫେଡ ମିଶା, ଆଉ ସବୁ ପାଠ ଫସର ଫସା । ନଅ ଗଢ଼କଏ ନଅ । (ବେତ ଉଠାନ୍ତି)

ମକର୍—ଆଉ ହାତରେ ଏଇଟା କଣ ?

ଗ୍ରେକଡ—ଏଇଟା, ଏଇଟା ପର୍ ବେତ ।

ମକର୍—ବେତ, ହେଟା କଣ ହୁଏ ?

Digitized by PPRACHIN, SOA

ଗ୍ରେକଡ଼—ଆରେ ଏତକ ବର୍ଣ୍ଣି ପାରୁନ ? ଗର୍‌ଗ ଚଳ କଣିଲ୍ ପରେ ଲୁଭ ବାବଦରେ
ଏଇ ବେତରୁ ଗୃଣ ପାହ୍ୱାର ନଏ ।

ମକର୍—ଇଲେ ମୋ ବୋଉଲ ।

ଫକୀର—କରେ କଣ ହେଲ ?

ମକର୍—ଇଏ କ ଖଣ୍ଡ କ ଯାଆନ୍ତେ ? ଧନ ଦେଇ ଚଳ କଣିବ ଫେଏରେ ବେତ
ଖାଇବ କଆଁମ ?

ଗ୍ରେକଡ଼—ଇଏ ଆମ ଅବଧାନୀ ପତ୍ନୀଙ୍କ ।

ମକର୍—ତମ ପେତ୍ରପେର୍ ତମ ପାଖରେ ଥାଉ ।

ଫକୀର—ହଉରେ ମକର୍ ଆଗକୁ ଚାଲ ।

ମକର୍—ଆଜ୍ଞା ଆଗରେ ସେଇଟା କ ଦୋକାନ କ ?

ଫକୀର—ଚାଲ ଦେଖିବା ।

ଗ୍ରେକଡ—ନଅ ବାବୁ ନଅ ।

ଫକୀର—ବୁଦ୍ଧ ବୁଦ୍ଧ ଆମେ ଅସୁଛୁ ।

ଗ୍ରେକଡ଼—ଭଲ ଚଳ ଅଛୁ କଅକାର୍ ନଅ ।

ମକର୍—ବୁଦ୍ଧ ଦେ ଆମେ ଅସୁଛୁ । (ଯାଆନ୍ତି)

ଗ୍ରେକଡ—ଆମ ଅବଧାନୀ ଚଳ କଣ ବାହାଁ ହୋଇଗଲେ ?

(Left Zone ଅନ୍ଧାର ହୋଇ Right Zoneକୁ Light
ଆସେ, ଦେଖାଯାଏ ବ୍ରେକଡ ଜଣେ English Teacher)

ବ୍ରେକଡ଼—A for Apple
B for Bat
$(a+b)^2 = a^2 + b^2 + 2ab$
$(a-b)^2 = a^2 + b^2 - 2ab$
(ଫକୀର ଓ ମକର୍ ଆସିଯାଇଥାନ୍ତି)

ଫକୀର—ଏ ଦୋକାନୀର ଫନ୍ଦଟାକୁ ସମଝିଲୁ କରେ ମକର୍ ।

ମକର୍ – ଯାଆନ୍ତେ ! ସେ କଥା କହୁଛ ନା ଗାଳି ଦଉଛ ?

ଫକୀର—ଯାଦୁ କରୁଛ ଯାଦୁ ।

ମକର୍— ଯାଦୁ ? (ନିଜ ହାତକୁ ଦେଖେ)

Digitized by PPRACHIN, SOA

ଫକୀର—ହଁ ପଶ୍ଚିମରୁ ଲମ୍ବିଆ ଗାଡ଼ି ଆସିଛି ଯେ ଆମ ଦେଶବାସୀ ସର୍ମି ସର୍ମି ହାଲିଆ ହେଲେଣି । ଦେଖ୍‌ନୁ ଆମ ଲୋକ ତ ତାକୁ ଦେଖି ଏକଦମ୍ ତାଟକା ହୋଇଗଲେଣି ।

ମକର- କେଉଁକାରି ତା ଦୋକାନରେ ଏତେ ଭିଡ଼ ।

ଫକୀର—ଆରେ ତା ବେଣକୁ ଦେଖ୍ କେମିତ କୋଟ ପେଣ୍ଟଲୁନ ପିନ୍ଧିଛି ।

ମକର—ହେ: ଦୋକାନୀର ନାଁ ଟା କଣ ଗାଆନ୍ତେ ?

ଫକୀର—ସେ ପର ପାଠ ଦୋକାନ ଖୋଲିଛି । ତା ନାଆଁ ମାଷ୍ଟର । ଦେଖ୍‌ନୁ ତା ହାଓ୍ୱାରେ ଆମ ଅବଧାନଙ୍କ ମାଲ ସବୁ ପଚରି ପଡ଼ିଗଲାଣି ମାଛି ଭଣ ଭଣ ହେଲେଣି ।

ମକର—ଇଏ ଆଉ କମିତ ମାଲ୍ କି ?

ଫକୀର— ବିଦେଶୀ ମାଲ, ବିଲାତ ବାଇଗଣ ପରି ନାଲି ଗୁଲୁଗୁଲୁ ।

ମକର—ବିଲାତି ବାଇଗଣ ପରି······

ଫକୀର—କହୁ ବାପା, ମକରମ ଏ ପାଠ ଫଳର ଗୁଣଟା କହୁ ଓଲଟା, ସ୍ୱାଲୁ ଖାଇଲେ ଦନ୍ତ ଦରୁ ହୁଏ, ଆଉ ବୁଦ୍ଧିଟା ହୁଏ ମୋଟା, ଆଉ ଅଳପ ଖାଇଲେ ତ ବଦହଜମ ହୋଇ ବାନ୍ତି ଧରେ ।

ମକର—ଆଉ ବେଶୀ ଖାଇଲେ ?

ଫକୀର - କପାଳ ଫିଟିଯାଏ ବୋଲି ବୋଲ

ମକର—ଯାଆନ୍ତେ ସେ ଫଳରୁ କିଛି କିଣନ୍ତେ

ଫକୀର—ନାଇଁରେ ବାପା ନାଇଁ, ସେ ଫଳ ପୁଅ ଜନେ, ଆଉ ବାପ ପଇସା ଗଣିଦିଏ । ତୋର ତ ବାପା ନାଇଁ କି ପୁଅ ନାହିଁ, ଖାଇବ କଏ ନା ପଇସା ଗଣିବ କଏ ଆଉ ଆମ୍ଭେ, ଆମ୍ଭ ମୁନି କଥାତ ଜାଣୁଛୁ । ଲୁଚ୍ଛାଟାରେ କଥାଁ ସେ ଆଉକୁ ମନ କରୁଛୁ ? ଚାଲ ଆଗକୁ ଚାଲ ।

ମକର—ଚାଲ (ଯିବାକୁ ଉଦ୍ୟତ)

ସେବକ—ଆମ ଗହଳଏ ! ଆସ ଅଳପ ମାଲ ଅଛି ଦଉଛିବ ।

ସେବକ- (Right Zoneରୁ ଆସେ) ଆସ ଗହଳଏ ଅଳପ ମୂଲ୍ୟରେ ମାଲ ଗ୍ରାହକ ଦେବୁ ଆସ ।

ସେବକ—ମୋ ପାଖରେ ବୋଟାମା ଅଛି ।

ସେବକ—ମୋ ପାଖରେ ବେଦ ଅଛି ।

Digitized by PPRACHIN, SOA

ଶ୍ୱେକଭ — ମୋ ପାଖରେ ଡିକ୍ସନେରି ଅଛି ।

ଶ୍ୱେକଭ — ମୋ ପାଖରେ ବ୍ୟାକରଣ ଅଛି ।

ଶ୍ୱେକଭ — ମୋ ପାଖରେ ବାଇବଲ୍ ଅଛି ହୁଷ୍ଟର ଅଛି

ଶ୍ୱେକଭ — ମୋ ପାଖରେ ଭାବ୍ୟ ଅଛି କବିତା ଅଛି ।

ଶ୍ୱେକଭ — ମୋ ପାଖରେ ସେକ୍ସପିୟର ଅଛି ।

ଶ୍ୱେକଭ — ମୋ ପାଖରେ କାଳିଦାସ ଅଛି ।

ଶ୍ୱେକଭ — ମୋ ପାଖରେ ହୋମର ମିଲଟନ

ଶ୍ୱେକଭ — ଲୀଳାବତୀ ଉବଶ୍ୱର

ଶ୍ୱେକଭ — ଗାଲ୍ସୱର୍ଥ, ଓ୍ୱାର୍ଡ଼ସ୍ ଓ୍ୱାର୍ଥ, ପୋପ୍, ବାଇରନ

ବଜାର — ହେଲେ ବାବା ଅମ୍ଭମୂର୍ତ୍ତିରେ ସେ କଣ୍ଠ ନାହିଁ ।

ଶ୍ୱେକଭ — What ! ଖାଲି ହାଡରେ ହାଟକୁ ଆସିଛ ! ହାଃ ! (ସ୍ୱଗତ)

ଶ୍ୱେକଭ — ହବ ହେଲ, ଖାଲିରେ ଦେଇ ଦେବ ଆଉ କଥ ।

ମକଦ୍ଦ — ସାଥିରେ ! ଖାଲିରେ ମାଲ୍ ଧନ କହୁଛ ନେଇଯିବା ।

ବଜାର — ନାଇଁରେ ବାପ ନାଇଁ । ଦେଖୁଛୁ ସେ ମାଲ୍‌ଗୁଡ଼ା କେମିତି ପଡ଼ିଗଲାଣି ।
ତାକୁ ନେଇ କାହିଁକି ହଇରାଣ ହେବୁ ଭଉଳୁ ?

ମକଦ୍ଦ — ସତକଥା ।

ଶ୍ୱେକଭ — ନାଇଁ ବାବୁ କଥ ।

ମକଦ୍ଦ — ରଖ ତୁମ ତମ ମାଲ୍ ତମ ପାଖରେ ଥାଉ ।

(ବୁଲିଯାଆନ୍ତି ଶ୍ୱେକଭ ହତାଶରେ ବୁହିଯାଏ ଅନ୍ଧାର)

କଣ୍ଠ — ଦେଶୀ ପତାମାଲ୍ ବକଇ ଯେହ
ଗିଲଧ କଣନ୍ତି ପଇସା ଦେଇ
ଦେଶୀମାଲ୍ ନାହିଁ ତା ଗୁଣ କଣ
ଦୋକାନୀ ବା ପୂଜା ଘାତ ଦନ୍ତଛ ।

(Central Zoneକୁ Light ଅଧିକା ଆଗରୁ
Right Zoneକୁ ଆଲୋକ ଆସିବାରୁ ଦେଖାଯାଏ
ଶ୍ୱେକଭ କଣେ ପ୍ରେମିକ ଏବଂ ତାର ପ୍ରେମିକା ଧଇ ନାଚ୍
ନାଚ୍ freeze ହୁଏ । Central Zone ଆଲୋକରେ
ହୁଏ ଦେଖାଯାଏ ବଜାର ଓ ମକଦ୍ଦ । ମକଦ୍ଦ ନାଚ ନାଚ
ଗାଉଥାଏ ବଜାର ଅନୁକାରୀ)

Digitized by PPRACHIN, SOA

ଫକୀର—ଆରେ ଆରେ ରହରେ ମକର୍ ରହ ।

ମକର୍—କଣ ହେଲ କି ସାଆନ୍ତେ ?

ଫକୀର— ଦେଖ୍ ଇଏ ବି ଗୋଟେ ଦୋକାନ ।

ମକର୍—କାହିଁ, ଏଠି ତ ଗୁଲ ନାହିଁ ।

ଫକୀର—ହଁ, ଏ ଦୋକାନରେ ଗୁଲ ନ ଥାଏ, ବାଉ ନ ଥାଏ, କାଠୁ ନ ଥାଏ, କି ଗୁଡ ବି ନ ଥାଏ ।

ମକର୍—ଇଏ ଆଉ କି ଦୋକାନ କି ?

ଫକୀର—ଏଟା ଗୋଟେ ନିଶା ଦୋକାନ ।

ମକର୍ - ନିଶା ?

ଫକୀର—ହଁ ଇଏ ଇମିତ ଏକ ନିଶା ପୁଅ ଖାଇଲେ ବାପକୁ ଧରେ, ବାପ ଖାଇଲେ ମା'କୁ ଧରେ ।

ମକର୍—ସାଆନ୍ତେ ! ସେ ନିଶାକୁ ଟିକିଏ ପିଅନ୍ତେ ।

ଫକୀର—ନାଇଁରେ ବାବା ନାଇଁ ସେ ଦୋକାନକୁ ଆମର ଯିବା ନିଷେଧ । ଆ ଆଡ଼ୁଆଳରେ ବସି ତା କାରମତଟା ଦେଖିବା

ମକର୍—ତାର ପୁଣି କାରମତ ।

ଫକୀର— ଓ ହୋ ତୁ ଆ॰

(ସେମାନେ Central Zoneରେ freeze ହୁଅନ୍ତି ଅନ୍ଧାର । Right Zoneରେ Light ପଡେ)

ସେବକ—ଆହା.... ତୁମେ ମୋର ହୃଦୟାଙ୍ଗିନୀ ପ୍ରେମାଙ୍ଗିନୀ ଆଉ ଅର୍ଦ୍ଧାଙ୍ଗିନୀ ।

ନାରୀ —ଆଉ ତୁମେ ମୋର ପ୍ରେମାନନ୍ଦ ଦେହାନନ୍ଦ ଆଉ ହୃଦୟ ଆନନ୍ଦ ।

ସେବକ—ତୁମ ପାଦେ ତୋଳି ଦେବି ଆଗ୍ରାର ତାଜ୍ ।

ନାରୀ -- ତୁମଲାଗି ଢାଳି ଦେବି କଲ୍ଲଅଟ୍ର ଆଗ୍

ସେବକ—ତୁମ କେଶେ ଖଞ୍ଜି ଦେବି ପାରିଜାତ ପୁଷ୍ପ ।

ନାରୀ — ତୁମ ଅଙ୍ଗ ସଜାଇବ ସାଜ ଅଙ୍ଗପୁଷ୍ପ ।

ସେବକ - ତୁମ ପାଇଁ ପ୍ରାଣ ଦେବି ଫାଶୀରେ ଝୁଲିବି । (freeze)

ନାରୀ —ତୁମ ପାଇଁ ପ୍ରାଣ ଦେବି ଜହର ଖାଇବି । (freeze)

ମକର୍ ମୋ ଦହ ଅରୁଛି ସାଆନ୍ତେ ।

Digitized by PPRACHIN, SOA

ଫକୀର—ରୁଁ ଟା ବୋକା ନବୋଧ । ଏ ଦୋକାନରେ ବଢ଼ ଅରେ ।

ମକସ୍ତ—ଇଏ କି ଦୋକାନ ଯାଆନ୍ତେ ?

ଫକୀର—ଏଟା ଆଧୁନିକ ଦୋକାନ ଏଠି ଲଭ୍ ମିଳେ ଲଭ୍

ମକସ୍ତ—ଲଭ୍ ? ସେଟା କି ଚଳ ?

ଫକୀର—ସେଟା ବିଦେଶୀ ·ଚଳ, ତାର କାଟତି·ଏବେ ଆମ ଦେଶରେ ଖୁବ୍ ବଢ଼ି-ଯାଇଛି । ପୂର୍ବ କାଳରେ ଆମ୍ଭ ମୂଲକରେ ଅବଶ୍ୟ ପ୍ରେମଥିଲା । ଏବେ ଆଉ ସେ କଥା ନାହିଁ ଏବେ ଖାଲି ଲଭ୍ ଏଟା ଗୋଟେ ପଶ୍ଚିମି ମାଲ ସୁଅ ପଣ ଏଠିକି ମାଡ଼ ଆସିଛି ଏଥିରେ ଜାତି ଗୋତ୍ର ଧର୍ମ ବର୍ଣ୍ଣର ବାଛ ବିଚାର ନାହିଁ ଖାଲି ମିଆଁ ବିବି ରାଜି ହେଲେ କାମ ଶେଷ ।

ମକସ୍ତ—ହଁ ଇଏ ବାହା ସାଦ କଥାକି ?

ଫକୀର—ହଁ ଟିକିଏ ଅପେକ୍ଷା କର ବାହା ସାଦ କିମିତି ହେଉଛି ଦେଖିବୁ (freeze)

ନାୟକ —ତୁମ ଘରେ ରାଜି ହେବେ ତ ପ୍ରେମାନନ୍ଦ ।

ନାୟିକା—ଘର ପର୍ଯ୍ୟନ୍ତ କଥା ଯିବନି ପ୍ରିୟେ ! କଥା ଘରେ ପହଞ୍ଚିବା ପୂର୍ବରୁ ଆମେ ମେରେଜ ହାଣ ଘରେ ପହଞ୍ଚି ସାରିଥିବା ।

ନାୟକ —ତୁମେ ସତ କହୁଛ ପ୍ରେମାନନ୍ଦ ।

ନାୟିକା - ମୁଁ ମିଛ କହୁନି ପ୍ରେମାଙ୍ଗିନୀ ।

ନାୟକ —ସତରେ ତୁମେ କେତେ ଭଲ ପ୍ରେମାନନ୍ଦ ।

ନାୟିକା—ତୁମେ ବି କେତେ ଭଲ ପ୍ରେମାଙ୍ଗିନୀ ।

ନାୟକ —ଚାଲ ପ୍ରେମାନନ୍ଦ ।

ନାୟିକା ଆସ ପ୍ରେମାଙ୍ଗିନୀ ।

(ଦୁହେଁ ଯାଆନ୍ତି)

ମକସ୍ତ—ଯାଆନ୍ତେ । ଏମାନେ ଗଲେ କୁଆଡ଼େ ?

ଫକୀର—ହାସ୍ୟ ସେ ଆଗ ଚାଲନ୍ତି, ଚାଲ ଆମେ ବି ଯିବା ସେ ଦୋକାନରେ କି ମାଲ ଅଛି ଦେଖିବା ।

(ଯାଆନ୍ତି, ସବୁ Zone ଅନ୍ଧାର ହୋଇ Left Zoneରେ Light) (Left Zoneରେ ବ୍ରୋକର ଜଣେ ପୁରୋହିତ ହୋଇ ଡାକୁ ଥାଏ ।)

Digitized by PPRACHIN, SOA

ଘେକଡ଼—ଆସ, ଆସ ଗଜ଼ଜବ ଆସ । ଆମ୍ଭଠାରେ ପୂଜାବିଧି, ବାହାବିଧି, ଶ୍ରାଦ୍ଧବିଧି ଆଦ ବହୁ ପ୍ରାଚୀନ ଅମୂଲ୍ୟ ମାଲମାନ ଗଚ୍ଛିତ ଅଛୁ । ନଷ୍ଟ ହୋଇଯିବା ଭୟରେ ଶସ୍ତାରେ ଗ୍ରୁଣ୍ଡି ଦଉଛୁ । ଖାଲି ଅଳ୍ପ କହ୍ନତ ଦକ୍ଷ ଚୂଡ଼ା ଆଉ ଦକ୍ଷିଣା ଦେଲେ ମାଲ ଗ୍ରୁଣ୍ଡି ଦେବୁ । (ଘେକଡ ଓ ନାସ୍ତକୁ ଦେଖି) ଆସ ଗଜ଼ଜବ ଆସ, କଣ ପୁତ୍ରେଷ୍ଟି ଯଜ୍ଞ କରିବ ? ପୁଅର କର୍ଣ୍ଣଭେଦ କରିବ ? ବ୍ରତ କରିବ ? କହ ହେଲା, ଯାହା ଗ୍ରୁଣ୍ଡିବ କରିଦେବୁ । ଆମ୍ଭଠାରେ ଅତି ଉତ୍ତମ ବିଧାନଫଳମାନ ଗଚ୍ଛିତ ଅଛୁ । ଆସ ବାବୁ ଆସ ।

ଘେକଡ—ଆମେ ବିବାହ କରିବାକୁ ଚାହୁଁ ।

ଘେକଡ଼—ବିବାହ, ମାନେ ଯଥା ସ୍ୱୟମ୍ବର ମନୋବାଞ୍ଛା ହେଇଯିବ ଖାଲି ଆରମ୍ଭ କଲେ ସରିବ ।

ନାସ୍ତ — ଏଇନେ ଏଇ ଯାଙ୍କେ ଯାଙ୍କେ ।

ଘେକଡ —ହଁ ମୋତେ ଗ୍ରୁଣ୍ଡିବ ଦେବେ । ଯାଅ ବେଦୀ ବାନ୍ଧ, ଭଣ୍ଡାସ୍କୁ କୁହ ବେଶ ଯଜାନ୍ତୁ, ମାଳିକୁ କୁହ ଫୁଲ ତୋଳନ୍ତୁ, ଢୋଲିଆକୁ କୁହ ଢୋଲ ପିଟନ୍ତୁ, ଶଙ୍ଖୁଆକୁ କୁହ ଶଙ୍ଖ ଫୁଙ୍କନ୍ତୁ, ଆମ୍ଭେ ଯିବୁ, ମନ୍ତ୍ର ପଢ଼ିବୁ ହାତ ବାନ୍ଧିବୁ ।

ନାସ୍ତ —ଏଁ ! ଏକେଜକଥା ?

ଘେକଡ—ଖାଲି କଣ ଏତିକି ? ଆହୁରି କେତେ କଥା ଅଛୁନା ।

ଘେକଡ଼ – ଆହୁରି କେତେ କଥା ?

ଘେକଡ – ହଁ ହୋମ ହେବ, ଚଉଠି ହେବ, ଭୋଜି ହେବ ।

ଘେକଡ—ହୋମ ହେବ ....?

ନାସ୍ତ – ଚଉଠି ହେବ.... ... ?

ଘେକଡ—ଭୋଜି ହେବ... ...? (ପ୍ରଥମ ଓକିଲ ଦୌଡ଼ି ଆସେ)

ପ୍ରଥମ ଓକିଲ—କିଛି ଲୋଡ଼ା ନାହିଁ । ମୋ ପାଖରେ ଆସ ମାନ୍ୟବର ଅଦାଲତ ସାମ୍ନାରେ ଖାଲି ଦସ୍ତଖତଟେ କରିଦେଲେ ସବୁ ହୋଇଯିବ ।

ଘେକଡ—ଖାଲି ଦସ୍ତଖତଟେ ?

ନାସ୍ତ —ସୁଦ୍ଧୁ ଦସ୍ତଖତ ! ଆଉ କିଛି ନାହିଁ ?

ଓକିଲ —ଆଉ କିଛି ଲୋଡ଼ା ନାହିଁ ।

ଘେକଡ—(ନାସ୍ତକୁ) କିଛି ଲୋଡ଼ା ନାହିଁ ।

ନାସ୍ତ —କେଡ଼େ ସହଜ କଥାମ !

Digitized by PPRACHIN, SOA

ଶ୍ୱେତକେତ—ଗୃହ୍ଣ ପ୍ରେମାର୍ଙ୍ଗିନୀ

ନାଗ   —ଆସ ପ୍ରେମାନନ୍ଦ ।

ଓକଲ —ଆସ (ପୂର୍ବ ଗୀତର ତାଳରେ ନାଚ ନାଚ ଯାଆନ୍ତି)

ଶ୍ୱେତକେତ—ଆରେ ଆରେ ଆମ୍ଭ ଗଣ୍ଡଶ ଆଯ ଆଦ୍ୱେ ପ୍ରେମାନନ୍ଦ । ଦକ୍ଷିଣା ପଦ୍ଧତେ ପରେ ଦବ, ଆସ ବାହାଘରଟା ସାରିଦଅ ଏଁ ଏଁ ହାସ୍ୟରେ କପାଳ ! ହନ୍ତ ହେଲ ଯାରେ ପୁଅ ଯା । ଆରେ ସିଏ ସିନା ବାହାଘର କରିଦବ ହେଲେ ତମ ବାପ ଶ୍ରାଦ୍ଧ, ବାପ ଶ୍ରାଦ୍ଧ କରିବ କିଏ ? ଯେତେବେଳକୁ ପିଣ୍ଡ ବାଢ଼ିବା ପାଇଁ ମୋ ପାଖକୁ ବଳେ ବଳେ ଆସିବ, ଆଉ ଯେତେବେଳେ କର୍ତ୍ତା ଗଣ୍ଡା କରି ହଯାବ କରି ସବୁ ଆଦାୟ କରିବ ତଥଲାଏ ଦେବୁ, ଗଲ୍ଲୁଶିଏ ଚୂଡ଼ା ଆଉ ଦ'ଅଣା ଦକ୍ଷିଣା ନ ନେଲେ ତମ ମୁହଁ ଗୃହିବିନି ।

[ଅନ୍ଧାର]

(Central Zoneର Light ଆସେ)

ମକରୁ—ହାଆଲ୍ଲେ ! ପୁରୋହିତେ ତ ରଗିଗଲେ ଏ ବାହାଘର ହବ କେମିତି ?

ଫକୀର ତାଙ୍କ ରାଗକୁ ଆଉ କାହାର ପରୁଆ ନାହିଁରେ ମକରୁ ଦେଖୁନୁ, ଅଦାଲତ ତ ବାହାଘର ସାରିଦେଲଣି ଆଉ ପୁରୋହିତଙ୍କୁ ଲୋଡ଼ିବୁ କିଆଁ ? ଆଉ ବାପଶ୍ରାଦ୍ଧ ଆଜିକାଲି ବିଦେଶୀ ପଢ଼ୁଆ ପୁଅମାନେ ବାପଶ୍ରାଦ୍ଧକୁ କୁସଂସ୍କାର ଭାବ କରୁନାହାନ୍ତି । ତେଣୁ ପୁରୋହିତଙ୍କେ ମାଲ ଦେଢ଼ିଗଲଣି ବୋଲି ଧରନେ । ହଉ ଗୃହ୍ଣ ଆଗକୁ ଗୃହ୍ଣ !

ମକରୁ—ସାଆଲ୍ଲେ ! ସେଇ ଦ୍ୱୋଉ ଗୃହ୍ଣଟାରେ କିଏ କଣେ ବସିଛୁ···

ଫକୀର—ଆରେ ଦେଖୁନୁ, ବୁଢ଼ାଲୋକଟା ବଚରା ଥୁରୁଥୁରୁ ହୋଇ ଦୋକାନ ମେଲି ବସିଛୁ ।

ମକରୁ—ହେଲେ ଭୁକ୍ତାଟାରେ ବସିଛୁ, କଣେ ହେଲେ ତ ଗରାଖ ନାହାନ୍ତି । ସେଟା କି ଦୋକାନ ?

ଫକୀର—ଆରେ ସେ ଦୋକାନୀକୁ ଗୁରୁ କହନ୍ତି, ସେ ହରିନାମ ବିକୁଛୁ । ତା ମାଲ ବି ସେମିତି ପଡ଼ିଗଲଣି ।

ମକରୁ—ତା ପାଖରେ ଯେଉଁ ଗୃହ୍ଣଟା...

ଫକୀର—ସେଟା ହେଉଛୁ ଦପ୍ତର

ମକରୁ—ହେ ଲୁଣ୍ଠୁରୁ କେମିଆ ଦୋକାନୀଟା ଇମିତି ତଳକୁ ମୁହଁ ପୋତି କଣ ଗାରେଇ ଯାଉଛୁ ।

Digitized by PPRACHIN, SOA

ଫକୀର—ସିଏ ବଡ଼ଲୋକ କଣ୍ଟ୍ରାକ୍ଟରେ

ମକର—କରଣୀ

ଫକୀର—କରଣୀ ଜାଣିଛା ତେଣୁ ନିହୁଙ୍କଣା ଜାଗାରେ ମକର। ଦନସାର ଖଟି ଥିବେ ଟିକଏ ମୁଣ୍ଡ ଉଠେଇବାକୁ ଡର ନଥିବ। ହେଲେ ଖସି ଗଲେ ବ ଜାଗା। ମାସ ଅଧାରେ ଛୁଟି ହଣପାଏ। ଉପୁର ଦ ପଇସା ହୁଅନ୍ତା ସେ ହେଲେ ତା ହାମଜାରେ ସେଇ ଘୋଡ଼ ବୁଢ଼ାଟା ଦାନ୍ତ ନିକୁଟି ବସିଛି ସିଏ ହେଉଚ୍ କରଣୀ, ଦେଖନ୍ତୁ କେମିତି ହେଟାବାଘ ପରି ବୁହିଁଛି, ବଡ଼ଲୋକ କରଣୀ କରେ କଣ ?

(ଏହି ସମୟରେ ଷ୍ଟେକଡ଼ ଜଣେ ପେପରବାଲା ଭଳି ଡାକ ଡ଼ାକ ଆସେ)

ଷ୍ଟେକଡ଼—ଖବର କାଗଜ ! ଖବର କାଗଜ ! ଆସନ୍ତୁ ନିଅନ୍ତୁ ତାଜା ସମ୍ବାଦ ପଢ଼ନ୍ତୁ । ଓଡ଼ିଆ ଭାଷାର ଏକମାତ୍ର ସମ୍ବାଦପତ୍ର ସମ୍ବାଦ ବାହକା ପଢ଼ନ୍ତୁ ନିର୍ଭୀକ ନିରପେକ୍ଷ ତାଜା ସମ୍ବାଦର ଗନ୍ତାଘର ସମ୍ବାଦ ବାହକା ।

(ଦ୍ୱିତୀୟ ଉତ୍କଳ ଆସନ୍ତି) ପଢ଼ନ୍ତୁ ... —

ଉତ୍କଳ—କି କାଗଜ ଅଛି ?

ଷ୍ଟେକଡ଼—ଖବର କାଗଜ ସମ୍ବାଦ ବାହକା

ଉତ୍କଳ—ସମ୍ବାଦ ବାହକା ? କଣ ଓଡ଼ିଆ କାଗଜ ?

ଷ୍ଟେକଡ଼ ନିଅନ୍ତୁ ଆଜ୍ଞା । ଓଡ଼ିଆ କାଗଜ

ଉତ୍କଳ—ଓଡ଼ିଆରେ ପୁଣି ଖବର କାଗଜ ? (ହସିଲେ)

ଷ୍ଟେକଡ଼—ନିଅ ବାହାରିଛି ଆଜ୍ଞା, ଓଡ଼ିଆ କାଗଜକୁ ସାହାଯ୍ୟ କରନ୍ତୁ ।

ଉତ୍କଳ—ହଉ ଘଦ ଅଢ ଜବୁଛ ଖଣ୍ଡେ ଦେଇଥାଅ । କିନ୍ତୁ ପଇସା ଏବେ ନାହିଁ, ପଢ଼ି ସାରିଲେ ପସନ୍ଦ ହେଲେ ପଇସା ପାଇବ ।

ଷ୍ଟେକଡ଼-- ଅଜ୍ଞା ଆପଣ କାଗଜ ନିଅନ୍ତୁ ମୁଁ ପନ୍ଦର ପରେ ଘରୁ ଯାଇ ପଇସା ନେଇ ଆସିବି । (ଯାଏ)

(ଉତ୍କଳ କାଗଜ ଓଲଟାନ୍ତି)

ଫକୀର—(କବିତା) ପଇସା ପାଇବେ କଣ ଭରସା
ଖବର କାଗଜ ଲେଖା ହେବସା
କଣ ବସିଛନ୍ତି ଭେଟେ ଦୋକାନୀ
ଦେଖିଲ ସେଗୁଡ଼ା ଛୁଆ ଅଜ୍ଞାନୀ
ଘାଟ ଘାଟ ମାଲ ଦଅନ୍ତି ଢାଳି
ଟଙ୍କା ମାଗି ଯାଇ ଖାଆନ୍ତି ଗାଳି ।

Digitized by PPRACHIN, SOA

(ଏହି ସମୟରେ ଖ୍ରେକଡ ଆସେ
English Paper ବକ ବକ)

ଖ୍ରେକଡ—ପେପର୍ ପେପର୍ English Paper
States man

ଓକଲ୍—ପେପର ? କ ପେପର୍ ?

ଖ୍ରେକଡ—English Paper States man

ଓକଲ—States man ? English Paper ?
(ଓଡ଼ିଆ Paper କୁ ମୋଡ଼ି ମାଡ଼ି ପକେଟରେ ରଖେ)
ଦେଲ୍ ଓ ଓଣ୍ଡ ଦେଲ୍

ଖେକଡ—ପଇସା ?

ଓକଲ ପଇସା କଣ କହୁଛ, ଟଙ୍କା ନିଅ ?

ଖ୍ରେକଡ—ଖୁଚୁରା ବାପଲୁ ମୋ ପାଖରେ Change ନାହିଁ ।

ଓକଲ—ହଉ ଦେଲ ନ ଆଉ ରଖିଥାଅ ପରେ କେତେବେଳେ କାଗଜ ଦେଇ ଦେବ ।

ଖ୍ରେକଡ—ଠିକ ଅଛୁ । ପେପର news papar (ଯାଏ)

ଓକଲ୍—ଆଉ ? English ପେପର୍ଟି (ପଢି ପଢି ଖୁସିରେ ଯାଏ)

ଫକୀର-- (କବତା) ଦେଖି ଲଚିଲିଣି ଡାଟଙ୍ଗା ମୋତେ
ଦେଶୀ ବିଲାତରେ ପ୍ରଭେଦ ଏତେ ?

ମକରୁ—ଯାଆନ୍ତି ?

ଫକୀର—କଛୁ ବୁଝି ପାରିଲ୍ କ ରେ ମକରୁ ?

ମକରୁ ଇଏ ତ ବଡ ଗହନ କଥା, ଓଡ଼ିଆ କାଗଜକୁ ମାଗି ମାଗି ପଇସାଟିଏ ଦେଲନ
ଅଥଚ ଇଂରଜୀ ବାଲାଙ୍କୁ

ଫକୀର—ନ ମାଗୁଣୁ ଦେଇ ଦେଲ ।

ମକରୁ—ପୁଣି ଅଧିକ ।

ଫକୀର—ଆରେ ସେଟା ହେଲ ବଲାତି ପେପାର, ତାକୁ ପଇସା ନଦେଲେ ସେ ଇଂରଜୀ
ଦ ପଦ କହିଦେବ ତେଣୁ ଆଜକାଲ୍ ଏ ଦର ପାଠୁଆ ଓଡ଼ିଆ ବାବୁମାନେ
ଇଂରଜୀକୁ ଓ ଡ଼ଆ ଟାଆକୁ ଠିକ ଭଣ୍ଡି ସ୍ୱଦେଶୀ ଆତ୍ମୀୟ ଭଳେ ଖୁନ୍
ଗୁଣ୍ଡୁ ଛନ୍ତି ।

ମକରୁ—କ ଦେଲ ?

Digitized by PPRACHIN, SOA

ଫକୀର— ଆମ୍ବ୍ରେଲା ।

ମକର୍‌ଧ୍ୱଜ—ଯେଉଁ ଘରେ କ ଶଜ ?

ଫକୀର—ଅମ୍ବ୍ରେଲା ମାନେ ଛତା ।

ମକର୍‌ଧ୍ୱଜ— ଛତା ?

ଫକୀର । ହଁ ଛତାକୁ ଇଂରାଜୀରେ ଅମ୍ବ୍ରେଲା କହନ୍ତି ।

ମକର୍‌ଧ୍ୱଜ—ଇଏତ ବଡ଼ ଆଚମ୍ବିତ କଥା ।

ଫକୀର—ଏ ପଟକୁ ଗୁହାଁ ଆହୁରି କେତେ ଆଚମ୍ବିତ କଥା ଦେଖିବୁ ।

ମକର୍‌ଧ୍ୱଜ ଏ ପଟକୁ ? ଯାଆନ୍ତେ ଇଏ କଅ ଏତେ ଅନ୍ଧାରୁଆ ଗଳି ।

ଫକୀର—ହଁ ଏ ଦୋକାନ ସବୁ ଗଳିବାଟରେ ବସେ

ମକର୍‌ଧ୍ୱଜ—ଇଏ ଆଉ କ ଦୋକାନ କ ?

ଫକୀର—ଏଇ ସବୁ ହେଲା ରୂପ ଦୋକାନ ।

ମକର୍‌ଧ୍ୱଜ—ରୂପ ଦୋକାନ ?

ଫକୀର—ଏଇ ଦେଖୁନୁ ଧାଡ଼ିକ ଧାଡ଼ି ରୂପସୀମାନେ କବାଟ ଧରି ନାଚଲୁ ନାଚଲୁ ହୋଇ ଠିଆହୋଇ ଗରାଖମାନଙ୍କୁ ହାତ ଠାରୁଛନ୍ତି ।

ମକର୍‌ଧ୍ୱଜ—ହଁ ତ ଏଇ ମୋତେ ଜଣେ ହାତ ଠାରୁଛି ।

ଫକୀର—ହଁ ଏମାନେ ବେହେରା ବକ ମୁଣ୍ଡୀ ସଫା କରନ୍ତି ।
ଆଉ ତୋର ତ ଆଗରୁ ମୁଣ୍ଡୀ ସଫା ହୋଇ ରହିଛି ତୁ ଆଉ ସେ ଆଡକୁ ନଜର ଦେନା' ଆ

(ଯାଉଥିଲେ ନାଗ left zoneକୁ ଆସେ)

ନାଗ—ଆସ ବାବୁ ଆସ ମୁଁ କେତେ ଶଜ ରଖିଛି ବୁଟ ଭଜା ଶୁଖୁଆ ପୋଡା, ନାଲପାଣି, ମଲ୍ଲୀଫୁଲ

ମକର୍‌ଧ୍ୱଜ—ବୁଟ ଭଜା, ଶୁଖୁଆ ପୋଡା, ନାଲପାଣି, ମଲ୍ଲୀଫୁଲ

ନାଗ—ଆସ ବାବୁ ସେଥରେ ଅତର ଡାଲି ରଖିଛି ।

(ମକର୍‌ଧ୍ୱଜ ପକେଟରେ ହାତ ପୂରାଇ ଦିଏ)

ମକର୍‌ଧ୍ୱଜ—ଆଁ ହଁ ଥାଉ ଥାଉ ଅମ୍ବ ମୁଣିରେ ହାତ ମାରୁଛ କେନେ ?

ଫକୀର— ଅମ୍ବ ମୁଣି ଖାଲି ପଡ଼ିଛି ଦେଖ ।

ନାଗ—ଯେତ ? ଖାଲି ପକେଟରେ ହାଟକୁ ଆସିଛ ?

Digitized by PPRACHIN, SOA

ଚଲିଯାଉଥାଏ Right zone ରୁ ବ୍ରେକଡ ଆସେ ଜଣେ ମଦ୍ୟପ ବେଶରେ ଧରିଥିବା ମଞ୍ଜିମାଳ ନାଚି ଗଳାରେ ଲମ୍ବାଇ ଦିଏ)

ବ୍ରେକଡ—ଆସ ଆସ ତାଗ୍ଭ ହନୁମାନ ତାଗ୍ଭ !

ନାଚି—ଆଜ୍ଞା ବାବୁ ଚନ୍ଦ୍ରମଣି ତମେ ଅସିଛ ?

ବ୍ରେକଡ—ତମ ଅନ୍ତର ବୋଲା ପତ୍ତର ପାଇ ରହିପାରିଲିନି ଗୋ ଚନ୍ଦ୍ର ବଦନୀ !

ନାଚି—ଆସ ପ୍ରିୟ ଚନ୍ଦ୍ରମଣି ?

ବ୍ରେକଡ—ଚାଲ ପ୍ରିୟେ ? (ଶ୍ରୀମତୀ ସମାର୍ଜିନୀ ଗୀତନାଟ୍ୟର ମୋ ସାଥୀ ଉପମାନତାଗ୍ଭ ସ୍ୱରରେ ହଲି ହଲି ସେମାନେ ଯାଆନ୍ତି)

ଫକୀର—କରେ ମ..ଗ୍ଭ ଲୁଚିଗଲୁ କି ?

ମକର—ଅଜ୍ଞା ..... ଯାଆନ୍ତେ,

ଫକୀର—ଚାହିଁ ଦେଖୁଛୁତ ! ଇଏ ଉପମାନ ତାଗ୍ଭ ଆଉ ସିଏ ତମ ଚନ୍ଦ୍ରମଣି ଯାଆନ୍ତି

ମକର—କିନ୍ତୁ.... ....

ଫକୀର—ତା ଦୋକାନରେ ଖାଲି ରୂପର ଡେଲିକି ଦଳା ହୋଇଛୁ, ତେବେହେଲେ ବିକ ପକେଟରେ ଝାଡ଼ୁ ମାରିବା ତା କାମ ।

ମକର—ତେବେ ବି ତା ଗଳାରେ ଫୁଲମାଳ।

ଫକୀର—ହଁ ହସି ହସି ପ୍ରେମ ସଙ୍ଗୀତ ଗାଇ
ଗରାଖମାନଙ୍କୁ ନିଏ ଭୁଲାଇ
ବାପ ଅରଜିଲା ବିତ୍ତକୁ ଦେଇ
କିଣୁଛୁ ସେ ମାଳ ଭେଣ୍ଡିଆ କେହି ।

ଫକୀର—ହଉ ଶୁଣ, ଆଜି ମକର ହାଟରେ ତ ବୁଲିଲୁ, ଏତେ ରଙ୍ଗ ଦେଖିଲୁ ତୋ ମନରେ କଣ କିଛି ଭାବନା ଆସୁନି ?

ମକର—ଯେତେ ଆସିଲେ ଜସ ହୋଇ ଯାଆନ୍ତେ । ଅଣ୍ଟି ତ ଢ଼ୁଗୁଲା ଅଣ୍ଟି ଟାଣଥିଲେ ସିନା ଯାହା ଭାବନ୍ତ ।

ଫକୀର—ଆମ୍ଭେ କଣ ଭାବୁଛୁ କହତ ?

ମକର—କସ ?

ଫକୀର—ହାଣ୍ଡ ଦେଖ ହାଟ ନେ ମଝିରେ ଗୋଟେ ଘର ଫାଙ୍କା ପଡ଼ିଛୁ ।

ମକର—ସେଇ ଯେଉଁ ଭଙ୍ଗା କୁଟିଆ

ଫକୀର—ହଁ, ସେହି ଘରେ ଆମ୍ଭେ ଯେବେ ଦୋକାନଟିଏ ଖୋଲି ବସନ୍ତୁ ନା ...

Digitized by PPRACHIN, SOA

ମକର୍—ଖାଲି କଥା ଆଜ୍ଞା ଅମ୍ଭେ ଦୋକାନ ବସେଇଲେ ଗହିକମାନେ ତ ପିମ୍ପୁଡ଼ି ମେନ୍ତେ ଧାଡ଼ିରେ ଧାଇଁବେ ।

ଫକୀର - ଅମ୍ଭେ ବ ଦେଇଆ ଖବୁଥିଲୁ ହେଲେ କ ଦୋକାନ କରିବା ?

ମକର୍—ସାଆନ୍ତେ ! ଏଠି ତ ସବୁ ଦୋକାନ ଅଛୁ, ଖାଲି ଗୋଟେ ଦୋକାନ କାହିଁ ମୋ ନଜରକୁ ଅସୁନ ।

ଫକୀର - କିରେ କ ଦୋକାନ ?

ମକର୍—ଏଇ ସୁରା ଦୋକାନ ।

ଫକୀର—ସୁରା ଦୋକାନ ?

ମକର୍—ଆମ୍ଭେ ଯେବେ ସେହି ଦୋକାନଟେ ଖୋଲନ୍ତେ, ଖୁବ ବଢ଼ିଆ ହୁଅନ୍ତା ।

ଫକୀର—ଆରେ ତୋ ଆଖି ନାହିଁକିରେ, ଏ ହାଟରେ ଯେତେ ଦୋକାନ ଅଛି ସବୁଠୁ ବେଶୀ ହେଲ ସୁରା, ଗଂଜା, ଅଫିମ ଆଉ ଭାଙ୍ଗ ଦୋକାନ ।

ମକର୍—କାହିଁ ଗୋଟେ ହେଲେତ ମୋ ଆଖିରେ ପଡ଼ୁନ ।

ଫକୀର—ଆରେ ସେ ଦୋକାନ ସବୁ ଆଖି ଅନ୍ତରାଳରେ ବସିଥାଏ ।

ମକର୍—ଆଖି ଅନ୍ତରାଳରେ ?

ଫକୀର—ଆଉ ?

ମକର୍—ତା ହେଲେ .. ?

ଫକୀର—ଶୁଣ, ଆମ୍ଭଠାରେ ସାହିତ୍ୟ ମାଲ କିଛି ଗଚ୍ଛିତ ଅଛି । ଆମ୍ଭେ ଯେବେ ସେହି ସାହିତ୍ୟ ଦୋକାନଟେ ଖୋଲନ୍ତେ

ମକର୍—ହଁ ବଢ଼ିଆ ହୁଅନ୍ତା ।

ଫକୀର—ହେଲେ ଛାପାଖାନା ?

(ମହାପାତ୍ର ଆସନ୍ତି)

ମହାପାତ୍ର—ଆଜ୍ଞା ଦଣ୍ଡବତ

ଫକୀର—ଦଣ୍ଡବତ, ଆପଣ···?

ମହାପାତ୍ର—ମୁଁ ଅଜ୍ଞା ଗିରିଧାରୀ ମହାପାତ୍ର ଲୋକେ କହନ୍ତି, ମୁଁ କାଲେ ଖୁବ ମହ-ଲୋକ କାରଣ ମୁଁ ଛାପାକଳଟେ ହାଟରେ ବସେଇଛି ଲୋକଙ୍କର ଉପାକର କରନ୍ତି ।

ଫକୀର ଛାପାକଳ ?

ମହାପାତ୍ର ହଁ, ଖାସ୍ ଆପଣମାନଙ୍କ ଉପରେ ଭରସା କରି ଛାପାଖାନା କଲି, ଆପଣ କିଛୁ ଛପାଇଛି କରନ୍ତୁ ।

Digitized by PPRACHIN, SOA

ମକର—ହଁ ତା ହେଲେ ଛପେଇଦେବା

ଫକୀର—ହଁ ଲୁଚିବା ପାଇଁ ତ ଢେର ଜନ ଆମ୍ଭଠାରେ ଗଚ୍ଛିତ ଅଛୁ ହେଲେ ଧନନାହିଁ

ମହାପାତ୍ର—ଓ, ଇଏ ନା ଗୋଟେ କଥା, ମନ ଥିଲେ କଣ ଧନର ଅଭାବ ହେବ ?
ଆଜ୍ଞେ ଆପଣ ତ ଜାଣିଲେଣି ଆମେ କାଳୀବାଜାରେ ଲୁଚିଦେବୁ ମାଲତକ
ବନ୍ଦୀକର ନହେଲେ ଲୁଟି ନେବେ ।

ଫକୀର—ସେଥିକ ଯଦ ସାହାଯ୍ୟ କରନ୍ତେ ଆମ୍ଭେ ଏ ହାଟରେ ଟିକିଏ ବସିପାରନ୍ତୁ ।

ମହାପାତ୍ର—ଆମ୍ଭେ କଣ ନାହିଁ କରୁଛୁ ଆଜ୍ଞେ ଲୁଚି ଯାଉନ୍ତୁ, ବନ୍ଦୀକର ପଇସା ଦେବେ
ନ ହେଲେ ଯସଲ ସଙ୍ଗେ ସତ୍ କଂଚଡ୍ କଲମ୍ବର ଯୋଗ କର ଲୁଟି
ଦେବେ ଏଇ କଥାଟା ବୁଝିବ ନା ? ଆଜ୍ଞେ ଆଜ୍ଞେ (ଯାଆନ୍ତି)

ଫକୀର—ଚାଲନ୍ତୁ ତରେ ମକର ଚାଲଟାକୁ ଝାଡ଼ ଝୁଡ଼ ଦେଇ ଧୂପଟିଏ ଜାଳ ଦେ,
ଆମ୍ଭେ ମାଲ ନେଇ ଆସୁଛୁ ।

(ଯିବା ପାଇଁ freeze)

କବିତା— ହାଟେ ବୁଲି ବୁଲି ଜନ୍ମି ଲଞ୍ଜାନ
ମୁଁ ମଧ୍ୟ ମେଲିଲି ଗୋଟେ ଦୋକାନ
ଝାଡ଼ ଝୁଡ଼ ଦେଇ ଦୋକାନ ଚାଲ
ଗୋଦାମେ ଭରିଲି ସାହିତ୍ୟ ମାଲ
ବିଲାତ ମାଲକୁ ନାହିଁତ ପୁଞ୍ଜି
ଦେଶୀ ମାଲ ଦେଲି ଗୋଦାମେ ଗୁଞ୍ଜି
ଭୁଲଇବା ପାଇଁ ଗହକ ମନ
ଟାଙ୍ଗି ଦେଲି କାନ୍ଥେ ମୁଁ ବିଜ୍ଞାପନ ।

(Central zoneକୁ Light ଆସିବା ବେଳକୁ
ଦେଖାଯାଏ ମକର ବହି ଯୋଡ଼ୁଛି ଫକୀରମୋହନ
(ଥାଆନ୍ତି ।

ଫକୀର—ହେ ମକର, ଦୋକାନ ତ ଖୋଲିଗଲା ଏବେ ଡାକ ମାର ।

ମକର—ଆସରେ ଗହକ ଆସ

ନାଲି ଚାଲୁ ଚାଲୁ କବିତା ଫଳଟେ
ଜିଭରେ ଲଗେଇ ଚାଖ ।

ଫକୀର—ନାଇଁରେ ମକର ହଉନ, ଟିକିଏ ଗଡା କର ଡାକ

ମକର—ବଡିଆ ମାଲ, ଓଡ଼ିଆ ମାଲ, ଖାଣ୍ଟି ମାଲ, ମାମୁଁ ଅଛୁ, ଲଛମା ଅଛୁ,
ପ୍ରାୟଶ୍ଚିତ୍ତ ଅଛୁ, ଛ ମାଣ ଅ.ଠଗୁଣ୍ଠ ଅଛୁ ।

Digitized by PPRACHIN, SOA

ଶାଗଆର ନେତ, ଭଗିଆର ନାଡ,
ଚମ୍ପାନାଗ ହାତ ଯତ ଖୁଇ ଯତ ।

(ଗ୍ରେକଡ ଆସେ)

ଗ୍ରେକଡ—ଏ ଦୋକାନରେ କଣ ମିଳେ ?

ଫକୀର— ବଡ ମଜାଫଳ ଅଛୁ ଅଜ୍ଞା ନାଅନ୍ତୁ ।

ଗ୍ରେକଡ—ଫଳ, କ ଫଳ ?

ଫକୀର— ସାହିତ୍ୟ ଫଳ

ମକର— ଖୁବ୍ ମିଠା ଅଜ୍ଞା ।

ଗ୍ରେକଡ—କ ସାହିତ୍ୟ ?

ଫକୀର—ଏଇ ଆଜ୍ଞା ଅନୁବାଦ ସାହିତ୍ୟ ।

ଗ୍ରେକଡ—ଅନୁବାଦ ସାହିତ୍ୟ ? ଧେତ୍ ଆଉ ମଣିଷ ନାଅନ୍ତି ?

ଫକୀର—ଏଇଟା ଗୋଟେ ଖାଣ୍ଟି ଓଡ଼ିଆ ନଭେଲ

ଗ୍ରେକଡ—ନଭେଲ ? ଫେର ଓଡ଼ିଆରେ ? ଛି ! ଛି !

ଫକୀର— ଏଇଟା କବିତା

ଗ୍ରେକଡ—କବିତା ?

ମକର—ଆଜ୍ଞା ବଢିଆ ଚଳ

ଗ୍ରେକଡ - କଣ ଦେଶୀ କବିତା ?

ଫକୀର—ଆଜ୍ଞା ଖାଣ୍ଟି ଦେଶୀ କବିତା

ଗ୍ରେକଡ—ଆଉ ଥାଉ, ଏ ଦେଶୀ କବିତାଗୁଡା ଖୁଆପିତା ବୁଝିଲ ? ବିଦେଶୀ ମାଲ କିଛୁ ନାହିଁ ?

ଫକୀର—ବିଦେଶୀ ?

ମକର— ନା

ଗ୍ରେକଡ—ଆଉ ଏ ପଚରା ମାଲ ରଖି ଦୋକାନ ଖୋଲିଛ ? ଆମର ବଳଦ ଦରକାର ବଳଦ ।

ଫକୀର—(ସାଙ୍ଗଶ୍ଳୋକରେ) ବଳଦ ?

ମକର—ଆମ୍ଭଠାରେ ନାହିଁ

ଗ୍ରେକଡ—ଆଉ କ ଦୋକାନ କରିଛ, ଏଁ ! (ଯାଏ)

ଫକୀର— ଦେଖ୍ ଭୁଲରେ ମକର

Digitized by PPRACHIN, SOA

ବେଙ୍ଗର ବିଦେଶୀଙ୍କୁ ଯେ ଲୋକଙ୍କର
ଦେଶୀ ଜିନିଷରେ ନାହିଁ ଆଦର
ଲୋକଙ୍କର ଆଉ ଦେଶୀ ଜିନିଷରେ ଶ୍ରଦ୍ଧା ନାହିଁ ।

ମକରା—ବିଦେଶୀ ମାଲ୍ କଣ ରଖିଦେଲେ

ଫକୀର ଆଗରୁ ହାତରେ ପୁଞ୍ଜିଥିଲେ ତ ।

ମକରା— ଅଜ୍ଞା ଗରାଖଟିଏ ଆସୁଛି ନା କଣ ?

ଫକୀର— ହଁରେ ଡାକ୍ ଡାକ

ମକରା—ଆସନ୍ତୁ, ଆସନ୍ତୁ ଆଜ୍ଞା ଖାଣ୍ଟି ଅସଲ୍ ଚିଜ ଅଛି, ବାସି ପାଇବେନ, ପଚ୍ଚା ପାଇବେନ ପୋକରା ପାଇବେନ ।

(ଜଣେ ନାରୀ ଆସେ)

ନାରୀ ଏଠି କଣ ଅଛି ?

ମକରା—ଧୁନିଆ ବାବା ଅଛି ।

ଫକୀର—ଡାକ ମୁନସୀ ଅଛି ।

ମକରା – ବୈଦ୍ୟ ଅଛି ।

ଫକୀର—ଦେଭ୍ୟ ଜମିଦାର ଅଛି ।

ନାରୀ—ହେଗୁଡ଼ା ମୋର କଣ ହେବ ?

ମକରା—ଅଜ୍ଞା ଆପଣଙ୍କ ପାଇଁ ଗୋଟେ ବଢ଼ିଆ ଚିଜ ଅଛି । ସେଟା ମାଇପି ଲୋକର ଔଷଧ ।

ନାରୀ—ମାଇପି ଲୋକର ଔଷଧ ?

ଫକୀର—ଏଟା ଆମ୍ଭ ବ୍ରହ୍ମାନନ୍ଦ୍ୱାରା ନିର୍ମିତ ଅନ୍ୟଠି ମିଳିବନି ।

ନାରୀ—କ ରୋଗ ପାଇଁ ଔଷଧ ।

ମକରା—ଆପଣଙ୍କର ତାଙ୍କର ... ...

ଫକୀର—ମାନେ ଆପଣଙ୍କ ସ୍ୱାମୀଙ୍କ.... ... .

ମକରା—ଯାବତୀୟ ରୋଗ ଛଡ଼େଇବା ପାଇଁ

ଫକୀର—ଖାଲି ରୋଗ ନୁହେଁ, ଯେତେ ସବୁ ବଦ୍‌ଲୋକଙ୍କୁ ସିଧାସିଧା ଭଲ କରାଇବାର ଏକମାତ୍ର ଅବ୍ୟର୍ଥ ଔଷଧ ।

ମକରା—ପରୀକ୍ଷା ହୋଇ ସାରିଛି ।

ନାରୀ—ସେ ଔଷଧର ନାଁ କଣ ?

Digitized by PPRACHIN, SOA

ଫକୀର— ପେଟେଣ୍ଟ ମେଡ଼ିସିନ

ନାଗ୍ର—ପେଟେଣ୍ଟ ମେଡ଼ିସିନ ?

ମକଗ୍ର—ହଁ

ଫକୀର—ଆପଣଙ୍କ ସ୍ୱାମୀ ଯଦ୍ଧ ମଧ ପିଉଥିବେ

ମକଗ୍ର—ନାଚବାଲୀ ଘରକୁ ଯାଉଥିବେ

ଫକୀର-- ଆପଣଙ୍କ କଥା ରଖୁ ନ ଥିବେ

ମକଗ୍ର—ସବୁମିଛ କହୁଥିବେ

ଫକୀର— ଅଟର ଲଗେଇ ଦେଲେ

ମକଗ୍ର -ଏକଦମ୍ ଅଣ୍ଡା ।

ନାଗ୍ର— ସତେ ?

ମକଗ୍ର - ମୁଁ ପରା ମୋ ନିଜ ଆଖିରେ ଦେଖିଚୁ ।

ନାଗ୍ର - ତାର ଦାମ୍ କେତେ ?

ଫକୀର— ଏଇ ଗୁଣ ପଇସା

ନାଗ୍ର— କେତେ ? ଗୁଣ ପଇସା ! ଏତେ ଦାମ୍ ?

ମକଗ୍ର—ଆଉ, ଖାଣ୍ଟି ଅହଲ ଚିଜ ।

ନାଗ୍ର···ନାଇଁ ନାଇଁ ମୋର ଲୋଡ଼ା ନାହିଁ ।

ଫକୀର— ଆଉ କେତେ ଦବ ?

ନାଗ୍ର....ପୁରୁ ପଇସାଟିଏ

ଫକୀର—ପଇସାଟିଏ ?

ମକଗ୍ର— ନା ହାତରୁ ଖସିଯିବ ।

ନାଗ୍ର ..ଦବତ ଦଅ, ନ ହେଲେ ତମେ ରଖିଥାଅ ।

ଫକୀର   ଅଢ଼ ପଇସାଏ ଦଅ ।

ନାଗ୍ର – ନାଇଁ ନାଇଁ ଆଉ ପାହୁଲାଟିଏ ବ ଦେବିନି (ଯିବାକୁ ଉଦ୍ୟତ)

ଫକୀର— ହଉ, ଦେରେ ମକଗ୍ର ଦେଇ ଦେ ।

ମକଗ୍ର— ସାଆନ୍ତେ ।

ଫକୀର—ଯାହା ମିଳୁଚି ମିଳୁ, ଭ'ଣ ଆଉ କରିବା ?

ମକଗ୍ର—(ଦଉ ଦଉ) ହଉ ନିଅ, ହେଲେ ହୁସିଆର ଥିବ, ଘା ଦେଖି ଔଷଦ ମାରିବ,
ନ ହେଲେ ହାତରେ ଫୋଟକା ହୋଇଯିବ । (ନାଗ୍ର ଯାଏ)

Digitized by PPRACHIN, SOA

ଫକୀର— ରେ ମକରା ! ବନ୍ଦନୀ ହେଲା ବୋଲି ଜାଣ,

ମକରା— ଯାଆନ୍ତେ   ବନ୍ଦନୀ କସ ହେବ ଏଇ ଦେଖନ୍ତୁ

ଫକୀର— ମହାପାତ୍ର !   (ମହାପାତ୍ର ଆସନ୍ତି)

ମହାପାତ୍ର—କଣ କହୋ ସେନାପତି ! ବେପାର କେମିତି ଚାଲିଛି ?

ଫକୀର—ହଁ ଏମିତି ଯେନତେନ ପ୍ରକାରେଣ ।

ମହାପାତ୍ର—ଓ ହୋ ଚାଲିଛନ ? ଦିଅ ମୋ ଟଙ୍କା ଦିଅ ।

ଫକୀର— ଅଭି ଟିକଏ ସବୁର କର ମହାପାତ୍ରେ ! ମାଲତକତ ଗଦା ହୋଇ ପଡ଼ିଛି ।

ମକରା—ବନ୍ଦୀ ହେଲେ ଯିନା ଦବା ।

ମହାପାତ୍ର—ଭଲକଥା, କହୋ ତମର ବନ୍ଦୀ ହେଲେ କେତେ ନ ହେଲେ କେତେ । ସେ ଲାଗି କଣ ମୁଁ ଦାୟୀ ? ମୋ ପଇସା ମୋତେ ଦିଅ ।

ମକରା – ତହବିଲରେ ଥିଲେ ଯିନା ନବା ।

ଫକୀର—ତାପରେ ବ ଆପଣଙ୍କ ଗ୍ରୁପାରେ ଢେର ଭୁଲ ରହିଗଲେ,

ମକରା—ଗରାଖଙ୍କର ଜମା ପଦନ ହଉନ ।

ମହାପାତ୍ର - ଏଁ ! ଏତେ କଥା ! ବାକୀ ନେଲା ବେଳେତ ତ ଭୁଲ ନଥିଲା ଏବେ ପଇସା ପଇଠ କଲାବେଳକୁ ଭୁଲ ହୋଇଗଲା । ସେ କଥା ମୁଁ ଜମା ଶୁଣିବନି । ଆଉ ସାତଦିନ ସମୟ ଦେଲି ସାତ ଦିନ ଭିତରେ ମୋ ପଇସା ଦବତ ଦବ ନ ହେଲେ ନାକରେ ଦଉଡ଼ି ଲଗେଇ ବରଗଛ ମୂଳକୁ ଘୋଷାଣ ନେବ । ହଁ କହି ଦଉଛି ମୁଁ ଗିରିଧାରୀ ମହାପାତ୍ର ଭାରୀ ମନ୍ଦ ଲୋକ (ଯାଏ)

ଫକୀର—ଅରେ ମକରା ।

ମକରା—କଥା କେଲବତ ନାକରା

ଫକୀର - ଆରେ ଆଉଥରେ ଡ଼ାକ୍, ସନ୍ଧ କରୁ ବନ୍ଦୀ ହୋଇଯାଏ ମାଲ ଗୁଡା ଧୂଳି ପଡ଼ି କଳା ହୋଇଗଲାଣି ।

ମକରା—ଆଜ୍ଞା ଟିକଏ ଚଲ ପଟକୁ ଦେଖନ୍ତୁତ ।

ଫକୀର—ଆରେ ଆରେ ଇଏ କଣ... ମୂଷାମାଟି

ମକରା—ସତ୍ୟାନାଶ ହୋଇଯିବ ଆଜ୍ଞା

ଫକୀର - କରେ କଣ କଣବା ?

ମକରା—ବଲେଇ ଟେ ପାଳିବା ?

ଫକୀର—ଆରେ ନାଇଁରେ, କଳଦକ୍ଷିଣ ଅମୃତବ ପୁଣି ବଲେଇ ପାଳିବୁ ।

Digitized by PPRACHIN, SOA

ମକର—ତେବେ......

ଫକୀର—ଦେଖ୍ ଗରାଖ ଦେଖି ନ ହେଲେ ଯଚେଇ ଦେଇ ଦେ ।

ମକର—ସାଆନ୍ତେ ! ଇଆଡକୁ ଗରାଖଟେ ଆସୁଛି ନା କସ ।

ଫକୀର—ଆସୁ ଆସୁ ପାଟି କରନା ଏଥର ତାକୁ ଟିକଏ ଭଲ କର ବୁଝେଇବୁ ।

ମକର—ଆଁ ଆଁ ଇଏ କଣ ଗୃହୀ ଦେଇ ପଳଉଛୁ

ଫକୀର-- ଆରେ ଯା ଯା ତାକୁ ଟିକଏ ନେହୁର ହୋଇ ବୁଝେଇ ସୁଝେଇ ଡ଼ାକିଆଣ,

ମକର—ଅଜ୍ଞା ଆଜ୍ଞା ଗରାଖ ମହାଶୟେ ଆସନ୍ତୁ ଆସନ୍ତୁ ବଢ଼ିଆ ମାଲ ଅଛି ଆସନ୍ତୁ ।

(ଗ୍ରେକଡ ଆସେ)

ଗ୍ରେକଡ—କି ମାଲ ଅଛି ?

ଫକୀର— ସାହିତ୍ୟ ଅଛି ଆଜ୍ଞା ସାହିତ୍ୟ ।

ଗ୍ରେକଡ—ସାହିତ୍ୟ ? କି ସାହିତ୍ୟ ?

ମକର - ଖାଣ୍ଟି ଦେଶୀ ସାହିତ୍ୟ ଆଜ୍ଞା ନଅନ୍ତୁ ।

ଫକୀର – ମୂଲ ଅଳପ ଭରେଇ ଦବା

ଗ୍ରେକଡ— ତମର ଯୋଉ ସାହିତ୍ୟ ତାକୁ ଖୋଲି ଦେଲେ ବି କେହି ନବନି ।

ଫକୀର—ଦୟାକରି ଯାହା ଦେବେ ନଅନ୍ତୁ ।

ଗ୍ରେକଡ—ହଉ ଦେଖିବା, କଣ ଅଛି ?

ଫକୀର—ଯାହା ଅଛି ସବୁ ଦେଇ ଦେବା

ଗ୍ରେକଡ—ଏତେ ମାଲ ନେବ କେମିତି ?

ମକର - ମୁଁ ଘରେ ପହଞ୍ଚାଇ ଦେଇ ଆସିବି ଆଜ୍ଞା

ଗ୍ରେକଡ···ଏତେ ମାଲ ମୁଁ ରଖିବି କେଉଁଠି ?

ଫକୀର - ଝଟତଳେ ହେଲେ ରଖିଦେବେ ଘୁଅ ନାତିଙ୍କ କାମରେ ଲଗିବ ।

ଗ୍ରେକଡ - ହଉ ହେଲା ଯଦ ଅତ କହୁଛ ଭଲକ ଝାଡ଼ିବୁଡ଼ି ନେଇ ଘରେ ଥୋଇ ଦେଇ ଆସିବ (ଯିବାରେ ଉଦ୍ୟତ)

ଫକୀର— ଅଜ୍ଞା

ଗ୍ରେକଡ....ଅଉ କଣ ?

ଫକୀର—ମୂଲ ବାବଦରେ....

ଗ୍ରେକଡ—ମୂଲ ? ଏଇ ଦେଶୀ ଓଡ଼ିଆ ସାହିତ୍ୟର ? ହଇ ଓ ଏ ସାହିତ୍ୟକୁ ଖାଲି ଦେଲେ ତ କେହି ନଉନାହାନ୍ତି ମୁଁ ଆହୁରି ଦୟା ପରବଶ ହୋଇ ନେଇ ଯାଉଛି ଯଦ ସମସ୍ତ ଯାଏ ତେବେ ଅନୁଗ୍ରହ କରି ହୁଏତ ଥରେ ଅଧେ

Digitized by PPRACHIN, SOA

ପଢିବାକୁ ଚେଷ୍ଟା କରିବ । ବୁଝିଲ, ଇଚ୍ଛା ହଉଛୁ ତ ଦବ ନ ହେଲେ ଏଇଠି ଏ ମୁଣ୍ଡାମାଡି ତଳେ ପୋଡଦଅ, ମୁଁ ଯାଉଛୁ । (ଗୃଲଯାଏ)

ଫକୀର—ହଉରେ ମକର ଦେଖୁଛୁ ଓଡ଼ିଆଙ୍କ ଗତ । ସାହିତ୍ୟକୁ ପଇସାଟିଏ ତ ଦେବେନ । ପୁଣି ପଢ଼ିବା ପାଇଁ ବ ଦଣ୍ଡେ ଘଡ଼ିଏ 'ସମସ୍ତ ଦେବାକୁ ଦୟା କରିବେ ବୋଲି ଅନୁଗ୍ରହ କରି କହୁଛନ୍ତି ।

ମକର—ଏମିତ ଗରାଖଙ୍କୁ ଭରସା କରି ସାହିତ୍ୟ ଦୋକାନ ଗୃଲବନ ସାଆନ୍ତେ ।

ଫକୀର—କିନ୍ତୁ ବାପା ମକର ଏତେ ବଡ ହାଟରେ ସାହିତ୍ୟ ଦୋକାନଟେ ନ ଥିଲେ ହାଟର ଶୋଭା ବଢ଼ିବ କି ?

ମକର—ତମେ ଯିନା ହାଟର ଶୋଭା ବଢ଼େଇବ ହେଲେ ସେ ଛାପାଖାନା ବାଲା କଣ ଶୁଣିବ ?

ଫକୀର—ହଁ ରେ ମକର ! ଏ ମାଲଗୁଡ଼ିକ ଉଠେଇ ନେଇ ଯା ! ନ ହେଲେ ସେ ମହାପାତ୍ର ଆସି ବ୍ରନ୍ଦ କରିବ । ସେ ଆସିବା ଆଗରୁ ନେଇ ଯା ।

ମକର—ଯାଉଛୁ (ମାଲଗୁଡ଼ିକ ଧୀରାନ୍ତ ଉଠାଏ)

ଫକୀର—(କବିତା) ବିଲାତି ମୋହର ସକଳ ପାଠ
ଆଉ କରିବି ମୁଁ କଅଣ ହାଟ
ଦେଖୁଛୁ ଯେ ଲୋକଙ୍କର
ଦେଶୀ କନିଷରେ ନାହିଁ ଆଦର

(ମକର ଉଠାଇ ନେଇଯାଏ)

ଫକୀର—ଦେଶୀମାଲ ବେଉପାରେ ଭରସା ନାହିଁ । ଆଜିକାଲି ଦେଶୀମାଲକୁ ନେଇ ଯିଏ ବଣିକ କଲା ତା ଫାକାଣୀ ବୁଡ଼ିଲା ବୋଲି ଜାଣ ।

(ଗ୍ରେକଡ ନାଚ ନାଚ ଆସେ)

ଗ୍ରେକଡ—ମୋର ଡ଼ଗିର ହେଉଛୁ ଡ଼ଗିର

(ଓକିଲ ଆସେ)

ଓକିଲ—ଏଇ ନିଅ ଗ୍ରେକଡ ତମ ଠିକଣାନାମା କାଗଜ ବାସ୍ ଦିଅ ମୋ ବକ୍ସିସ୍ ।

ଗ୍ରେକଡ—ବକ୍ସିସ୍ ?

ଓକିଲ—ଆଉ ଓକିଲର ବକ୍ସିସ୍ ଦବନ ?

ଗ୍ରେକଡ—ଆଉ ମୋ ଅଣ୍ଟିରେ ତ ଜମା ତିନ ପଇସା ଦୁଇ ପାହୁଲା ଅଛୁ ।

ଓକିଲ—ତିନ ପଇସା ଦୁଇ ପାହୁଲା ? ହଉ, ଯାହା ଅଛୁ ଦିଅ ।

(ନେଇ ଯାଆନ୍ତି ଗ୍ରେକଡ ଆସେ ଖଣ୍ଡେ କାଗଜ ଧରି)

Digitized by PPRACHIN, SOA

ଗ୍ରେକଡ—ଆଜ୍ଞା ମୋ ଓକିଲଙ୍କର ତ ଦେଖା ପାଉନ, ମୋ କେଶ୍ କଣ ହେଲା ?

ଓକିଲ—ତୋ କେଶ୍ ? ଏଇ ଦେଖ୍‌ନୁ, ଡ଼ିସ୍‌ମିସ୍-ଡ଼ିସ୍‌ମିସ୍

(କହି କହି ଚାଲିଯାଏ)

ଗ୍ରେକଡ—ଡ଼ିସ୍‌ମିସ୍ ? ଏତେ ଜମିବାଡ଼ି ବନ୍ଧକ ଦେଏ ଟଙ୍କା କୁଡ଼ାଇ ଫିସ୍ ପଇଠ କଲି ଶେଷରେ ଏଇ ଡ଼ିସ୍‌ମିସ୍ ଧରି ଘରକୁ ଫେରିବି ?

ଫକୀର—ହଇରେ ଗ୍ରେକଡ ଗ୍ରେକଡ ତମର କେଶ୍ କଅଣ ହେଲା ?

ଗ୍ରେକଡ—ମୋର ଡ଼ିଗିରି ହୋଇଛି

ଗ୍ରେକଡ—ମୋର ଡ଼ିସ୍‌ମିସ

ଫକୀର—ଏତେ ବାଡ଼ିଆ ଘଣ୍ଟା ହେଲି ମାଲି ମୋକଦମା କଲି ପାଇଲି କଣ ?

ଉଭୟେ—ଏଇ ପତ୍ର କାଗଜ

ଫକୀର—ଆଉ ହେଲା କଣ ?

ଗ୍ରେକଡ—ତାର କଣ ବୁଝାବା ଅଛି ?

ଗ୍ରେକଡ—କୁଢ଼ଟ୍ କଚେରି ମାମଲା କେତେ ବେଳେ ଦେଏ ତ କେତେବେଳେ ପଗୁଣ । ଏମିତ ଦେଇ ଦେଇ ହବୁ ଯାଉଛୁ ନା।

ଫକୀର—ତମ ବାପ ଗୋସବାପର ଜମିବାଡ଼ି ଆଉ କିଛି ଅଛି ନା ହବୁତକ ଏଇଠି ଶ୍ରାଦ୍ଧ କରି ଦେଇଛ ?

ଗ୍ରେକଡ—କିଛି ନାହିଁ ଆଜ୍ଞା

ଗ୍ରେକଡ—ନାହିଁ ଆଜ୍ଞା ତାର ନାହିଁ କି ମୋର ବି ନାହିଁ ।

ଫକୀର—ହବୁତକ ପିତୁ ଫପଡ଼ି ଦେଇ ଏଇ ଡ଼ିଗିରି ଡ଼ିସ୍‌ମିସ୍ ପାଇଲ ? ଏ କାଗଜରେ କଣ ଧାନ ଫଳିବ ନା ଘର ତୋଳିବ ?

ଗ୍ରେକଡ—ହତଭଆତ !

ଗ୍ରେକଡ—ଏ କାଗଜ ଖଣ୍ଡିକ କି କାମରେ ଲାଗିବ ?

ଫକୀର—ସେ କଥା ଠିକଏ ବୁଝ ନିଜ କଲି ନିଜେ ମେଣ୍ଟାଇଥିଲେ ଏମିତ ହବସାନ୍ତ ହୋଇ ନ ଥାନ୍ତ । ସେଗୁଡ଼ା ହବୁ ବିଦେଶୀ ଖଞ୍ଜା । ତମେ ନିଷ୍ପାପ ଓଡ଼ିଆ ଲୋକ । ତମ ଭିତରେ କଳି ଲଗେଇ ସେମାନେ ପକେଟ୍ ଗରମ କରୁଛନ୍ତି ? ଯାଅ ଏକଥା ମନରେ ହେଜ ଭାଇ ଭାଇ ନିଜ କଳି ନିଜ ଭିତରେ ତୁଟେଇ ଆନନ୍ଦରେ ରୁହ ।

ଗ୍ରେକଡ—ସତରେ ଗ୍ରେକଡ ଆମେ ଫସିଗଲୁରେ ।

ଗ୍ରେକଡ—ମେ ଧନ ଯଦି ଏଇ ବାବୁଙ୍କ କଥା ଶୁଣିଥାନ୍ତୁ

Digitized by PPRACHIN, SOA

ଫକୀର—ଆରେ ଗଳ କଥା ଶୁଣ ଦାଗ ନାହିଁ । ମୋ ମାନେ ଘରକୁ ଏ ଫକିର ଉପ୍ସିସ୍
ନାଆଁରେ ଭାଲୁ ନାଚ୍ଛନ୍ଦ ଧନ୍ଦବନ୍ଧ, ସେହିଗୁଡା ଟଙ୍କା ଦେଇ ମିଳମିଶି ଯାଅ ।
ହଜେଇଥିବା ବାପ ସମ୍ପତ୍ତି ଫେରେଇ ଆଣିବା ପାଇଁ ଅଣ୍ଟାଭିଡ଼ି ଲାଗିପଡ ।

ବ୍ରୋକର—ସତକଥା, ଗୁରୁ ଏ ଫକିର । ଆରେ ଗ୍ରେକର

ଗ୍ରେକର—ଚାଲ ଭାଇ ବ୍ରୋକର । (ଯାଆନ୍ତି)

ଫକୀର—ଆହା....କି ସୁନ୍ଦର ଅହା ଏ ଦେଶ ଭାରତ
ଘରରେ ଘରରେ କେତେ ପ୍ରେମଭାବ ।

(ମକଦ୍ଦ ଦୌଡ଼ିଆସେ)

ମକଦ୍ଦ —ଆଜ୍ଞା ଯାଆନ୍ତୁ ! ସଲେଇ ଚାଲନ୍ତୁ ଆଜ୍ଞା ।

ଫକୀର—କରେ କାହିଁକି ?

ମକଦ୍ଦ—ଆଜ୍ଞା ଗୁପାଖାନାବାଲା ପୁଲିସି ଲଗେଇ ଧରି ଧପାଇଛି

ଫକୀର—ଏଁ ! ସତେ ନା କଣ ?

ମକଦ୍ଦ—ଏଇ ପରା, ଏଇ ଆଡକୁ ଆସୁଛି ।

ଫକୀର—କରେ, କଣ କରିବା ମକଦ୍ଦ ଏ ହାଟ ମଝିରେ ଆମ୍ଭ ମହତ ସାଗବ

ମକଦ୍ଦ—ଝଟ ସଲେଇ ଚାଲନ୍ତୁ ଆଜ୍ଞା ରକ୍ଷା ପାଇଯିବା ।

ଫକୀର—ଚାଲ ଚାଲ (ବୁଲେଇ ଯିବା ଭଙ୍ଗୀରେ freeze)

କବତା—ଗୁପାଖାନା ଉପରେ ଲାଭ ନ ଲୋଡ଼
ମୂଳେ ମୂଳେ ଦେଲ ମାଲ ମୁଁ ଗୁଡ଼
ଖାଇଲ ହାଟରେ ଥିବ କାଂ ପାଡ଼ି
ଦେଇ ଦେଲେ ସୁଧଆଡକୁ ଗାଡ଼ି
ଗୋଟାଏ ପସର କୋଇଁ ମୁଣ୍ଡାଇ
ନ ମୁଦାଁ ହୋଇ ଚାଲ ପଳାଇ

(ଫକୀର ଓ ମକଦ୍ଦ ଗୁଲିଯାଆନ୍ତି)

(ମାହାପାତ୍ର ଆସନ୍ତି ଡାକ ଡାକି)

ମାହାପାତ୍ର—ହଇହୋ ଫକୀର ମୋହନ ! (ଦେଖି) ଏଁ ! ଏ କଣ ? ମାଲ କେଉଁଠି
ଚମ୍ପଟ ? ଏଁ ! ଏତେ ଦମାକ୍ ଅମ୍ଭ ନହକ ଧପ୍ ପାବାଜି ! ଅମ୍ଭ ହେଉ
ଗୁଲବାଜି । ଆରେ ଆରେ ଆମ୍ଭଙ୍କୁ କଣ ଭୋଲ ଭାବଛ କି ? ଆମ୍ଭେ
ଟିଣ୍ଟାଧାରି ମହାପାତ୍ର ଭାରି ମନ୍ଦ ଲୋକ । ଟଙ୍କା ପଇସା ମାମଲାରେ ଅମ୍ଭେ
ବାପକୁ ମାମୁଁ ଘର ଦେଖେଇ ଦେଇଛୁ । ଆମ୍ଭଙ୍କୁ ଫାଙ୍କି ଯିବ କୁଆଡେ ?

Digitized by PPRACHIN, SOA

ଯମପୁରୀକୁ ପଠେଇ ଦେବେ ବୋଲି ଘୋଷଣା କରିଛନ୍ତି । ଆଉ ଫକୀର ମୋହନ ତୁମେ ଖବର ଦେଲ ଆମ୍ଭେ ମେଣ୍ଢା । ନାହିଁ ହୋ ଆମ୍ଭେ ମେଣ୍ଢା ନୋହୁଁ । ଆମ୍ଭ ହାତରେ କି ଗୁଳି ନାହିଁ ଅଛି । ତାଙ୍କ ନାଆଁଟାକୁ ଆମ୍ଭ ଦସ୍ତାବିଜରେ କୋଲପ ଦେଇ ରଖିଛୁ । ତାକୁ କିଏ କିଏ ହସ୍ତାନାମା କରିଦେବୁ ହଁ ଅମ୍ଭେ ଗିରିଧାରୀ ମହାପାତ୍ର ଭଳି ମନ୍ଦ ଲୋକ ନିପେ ଗ୍ରହଣବୁନ ।

(ଯାଆନ୍ତି, ଅନ୍ଧାର)

(ପୁଣି ଶେଷରେ କୋର୍ଟର ସେହି ପୂର୍ବ ଦୃଶ୍ୟ)

ଜଜ — ଅର୍ଡ଼ର ! ଅର୍ଡ଼ର ! ଅର୍ଡ଼ର !

ଫକୀର—ମାନ୍ୟବର ଧର୍ମାବତାର ! ଅମ୍ଭ କଥାତ ଶୁଣିଲେ ଆମ୍ଭେ ଆଉ କଣ କରିପାରିଥାନ୍ତୁ ହଜୁର ! ଆମ୍ଭେ ଯାହା ସାହିତ୍ୟ କରିଥିଲୁ ତାହାତ ଆମ୍ଭେ ସ୍ୱର୍ଗକୁ ନେଇ ଯାଇନୁ । ଏହି ମର୍ତ୍ତ୍ୟଲୋକରେ ରକ୍ଷିତ ଅଛି । ତେଣୁ ମହାପାତ୍ରେ ମହାଶୟ ଏ କଥାକୁ ହୃଦୟଙ୍ଗମ କଲେ ଆମ୍ଭେ କୃତଜ୍ଞ ରହନ୍ତୁ ।

ଜଜ —ହଁ ଆସାମୀ ପକ୍ଷର ଓକିଲଙ୍କର କିଛି ପଗ୍ଭରିବାର ଅଛି ?

ଓକିଲ—Yes your honour

ଜଜ —ଜମାନବନ୍ଦୀ ପାଇଁ ଅନୁମତି ଦିଆଗଲା ।

ଓକିଲ—ଆଚ୍ଛା ମହାପାତ୍ରେ ମହାଶୟ. ଆପଣଙ୍କର ମୋଟରେ କେତୋଟି ପ୍ରେସ୍ ଅଛି ?

ମହାପାତ୍ର —ଏଇ ଗାଏ ମୋଟ ସାତୋଟି ।

ଓକିଲ—ଆସାମୀ କହନ୍ତି ଆପଣଙ୍କର ଗୋଟିଏ ପ୍ରେସ୍ ଥିଲା ବୋଲି

ମହାପାତ୍ର—ଅଜ୍ଞା ଦେଢେବେଳେ ସିନା ଗୋଟିଏ ପ୍ରେସ୍ ଥିଲା, ଏବେ କନ୍ଟ ବଢିବଢି ସାତୋଟି ହେଲାଣିନା

ଓକିଲ—ଆଚ୍ଛା ଆପଣଙ୍କର ଗୋଟିଏ ବହି ଦୋକାନ ଅଛି ?

ମହାପାତ୍ର—(ହସି) ଗୋଟିଏ ନୁହେଁ ଆଜ୍ଞା ବାଲେଶ୍ୱର, କଟକ, ଭୁବନେଶ୍ୱର, ସମ୍ବଲପୁର, ନବରଙ୍ଗପୁର, କଲିକତା. ପାଟନା, ଦିଲ୍ଲୀ, ମାନ୍ଦ୍ରାଜ ଏମିତ ଗାଏ ମୋଟ ବାସ୍ତଶତି ବହି ଦୋକାନ ଅଛି । ଖାଲି ଓଡ଼ିଆ ବହି ନୁହେଁ ବିଦେଶୀ ଭାଷାରୁ ବି କିଛି ଅଛି ।

ଓକିଲ—ଆପଣ ତ କହୁଛନ୍ତି ଆପଣଙ୍କର ମୂଳ ବୃତ୍ତି ଯାଇଥିଲା ବୋଲି ଏତେ ପ୍ରେସ୍, ଏତେ ଦୋକାନ କଲେ କେମିତି ?

ମହାପାତ୍ର—ଆଜ୍ଞା ଯାହା କହନ୍ତୁ ପଛକେ ଫକୀର ମୋହନ ସେନାପତି ନାଆଁଟାରେ ଗୋଟିଏ ଇଲମ ଅଛି ।

Digitized by PPRACHIN, SOA

ଓକଲ—କେମିତି ?

ମହାପାତ୍ର—ଓହୋ ସେ କଥା କହନ୍ତୁନ, ଫକୀର ମୋହନ ସେନାପତି ବଞ୍ଚିଥିଲା ବେଳେ ସିନା ଖିଆସ୍ତା ହେଲେ କିନ୍ତୁ ମରିଗଲା ପରେ ଏ ଓଡ଼ିଆ ଜାତି ତ ତାଙ୍କୁ ଭକ୍ତି କଲା ତାଙ୍କ କଲମ ଆଉ କରିଣି ତ ଅମୃତ ଉତ୍ସାଦନରେ କୋଳିଘ ପଡ଼ି ରହିଥିଲା ଏଇ ସୁଯୋଗରେ ଦେଲୁ ଗ୍ରନ୍ଥ ବଜାରକୁ ତା ପରେ ତ ଟାଲି ମାଲ ଆଉ ମାଲ ଗଡ଼୍ଖ ତ ଫଭଲ ପାରିଲନି ।

ଓକିଲ—ତା ହେଲେ ଆପଣ କେବଳ ଫକୀର ମୋହନଙ୍କ ନାଆଁକୁ ବିକି ବିକି ଏ ସମସ୍ତ ସମ୍ପତ୍ତି କରିଛନ୍ତି ?

ମହାପାତ୍ର - ଆଜ୍ଞା (ଆଶ୍ଚର୍ଯ୍ୟରେ)

ଓକିଲ—Your honour sir: ଗିରଧାରୀ ମହାପାତ୍ର ବ୍ୟାବସାୟ ଫକୀର ମୋହନ ସେନାପତିଙ୍କର ସାହିତ୍ୟିକ ପ୍ରତିଭାକୁ ଶୋଷଣ କରି ସାମାନ୍ୟ ଜଣେ ଛାପାଖାନା ମାଲିକରୁ ପ୍ରକାଶକ ଓ ପୁସ୍ତକ ବ୍ୟବସାୟୀ ଭାବେ ନିଜକୁ ପ୍ରତିଷ୍ଠିତ କରିଅଛନ୍ତି । ଏଥି ନିମନ୍ତେ ସେ ସ୍ୱର୍ଗତ କବିଙ୍କର ଯଶଖ୍ୟାତି ପାଇଁ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ନ ରହି କବିଙ୍କୁ ଅପଥରେ କୋର୍ଟ ଭିତରକୁ ଆଣି ବଦନାମ କରିବାର ଅପଚେଷ୍ଟା କରିଛନ୍ତି ତେଣୁ ଭାରତୀୟ ପିନାଲ କୋର୍ଡ ଅନୁସାରେ ତାଙ୍କ ବିରୁଦ୍ଧରେ ମାନହାନୀ ମୋକଦ୍ଦମା କରିବାର ଅନୁମତି ପ୍ରଦାନ ପୂର୍ବକ ଏ ମୋକଦ୍ଦମାର ଫଇସଲା କଲେ ଓଡ଼ିଆ ସାହିତ୍ୟର ସମ୍ମାନ ରକ୍ଷା କରିପାରିବ । Thats all your honour

ଜଜ—ଆଚ୍ଛା ମହାପାତ୍ର ମହାଶୟ ଆପଣ ଫକୀର ମୋହନଙ୍କ ସାହିତ୍ୟରୁ ଏତେ ସମ୍ପତ୍ତି ଉପାର୍ଜ୍ଜନ କଲାପରେ ପୁଣି ତାଙ୍କ ନାଆଁରେ ନାଲିସ କଲେ କାହିଁକି ?

ମହାପାତ୍ର—ଆଜ୍ଞା କଳନ୍ତର କଣ ବସିଥାଏ ? ଦିଏ ବର ବଢ଼ି ବଢ଼ି ଗ୍ରଲ୍‌ଥାଏ, ଆଉ ମୁଁ ଯାହା ସବୁ ପାଉଛି କେବଳ କଳନ୍ତର ଭାବରକୁ ନା ଅସଲ ଗଡ଼ହାନ କେମିତି ମଣା ପଡ଼ନ୍ତୁ ଆଉ ଖାସ୍ ସେହି ଅସଲଟାକୁ ଆଦାୟ କରିବା ପାଇଁ ଆମ୍ଭେ ତାଙ୍କୁ ଏ ମର୍ତ୍ତ୍ୟପୁରରୁ ଯମପୁରୀ ଯାଏ ଖୋଜି ସାରିଲିଣି ହେଲେ କଣ ତାଙ୍କ ଦେଖା ମିଳୁଛି ?

ଜଜ—ଏଠି ନ ହେଲେ ସେଠି ତ ମିଳୁଥିବେ ?

ମହାପାତ୍ର—ନାହିଁ ଆଜ୍ଞା ଯମପୁରୀ ଗୋଟା ତାଙ୍କୁ ଅଣ୍ଡାଳିଛୁ । ହଁ ଆମ୍ଭଙ୍କୁ ଦେଖି ଯଦି ସେ ଲୁଚି ଯାଉଥିବେ ।

ଜଜ—ଆସାମୀ ଫକୀର ମୋହନ ସେନାପତି ମହାଶୟ ଆପଣ ଯମପୁରରେ ମହାପାତ୍ର ମହାଶୟଙ୍କୁ ଦେଖିଲୁଚି ଯାଉଥିଲେ ?

Digitized by PPRACHIN, SOA

ଫକୀର – ନାହିଁ ଆଜ୍ଞା ଆମ୍ଭେ ଜନ୍ମରୁ ଏ ଯାଏ ଯମଦୂତ ଦେଖିନାହୁଁ । ଆଉ ତାଙ୍କୁ ଦେଖିବୁ କେମନ୍ତ ?

ମହାପାତ୍ର—ହଇରେ ଫକୀର ମୋହନ, ମଲାପରେ ତମେ ଯମଦୂତ ଦେଖିନ ?

ଫକୀର – ନା ଆମ୍ଭେ ଯାଇଲେ ଓଡ଼ିଆ ସାହିତ୍ୟକୁ ରକ୍ଷା କରିବ ବୋଲି ଓଡ଼ିଆମାନଙ୍କର ସମ୍ମତ ପ୍ରାର୍ଥନାରେ ଆମ୍ଭେ ବୈକୁଣ୍ଠରେ ବସିଛୁ, ଆଉ ପୁନର୍ଜନ୍ମ ବି ପାଇନାହୁଁ ଖାଲି ଆଜିର ଅଦାଲତ ମାମଲାକୁ ସମ୍ମାନ ଦେଇ ଘଣ୍ଟେ ପାଇଁ ଆସିଥିଲୁ ଯାହା

ମହାପାତ୍ର – କଣ କହିଲ । ହଇ ହୋ ଫକୀର ମୋହନ ତମେ ବହି ଲେଖି ବୈକୁଣ୍ଠରେ ବସିଲ । ଆଉ ତମର ବହି ସବୁ ଛାପି ଛାପି ଆମ୍ଭେ ନର୍କରେ ପଡ଼ିଲୁ ।

ଫକୀର—ନାହିଁ ମହାପାତ୍ର ! ସାହିତ୍ୟର ବିକାଶ ପାଇଁ ଲେଖକ ସହ ପ୍ରକାଶକର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ମହାପାତ୍ର – ଖାଲି କଣ କହୁଥିଲେ ହୋଇଯିବ ? ମୁଠାମୁଠା ଟଙ୍କା ଯାଉ ବହି ଛାପିବୁ । ଯାହା ପାଇଁ ଲେଖକ ପୂଜା ପାଉଛନ୍ତି ଆଉ ଅମର ବନ୍ଦୀ ହେଲୁ ଶୂନ । ବହି ବନ୍ଦୀ ନ ହେଲେ କୋଉ ସାହିତ୍ୟର ବିକାଶ ହେବ ?

ଜଜ – ତାହା ଅବଶ୍ୟ ସତ କଥା ।

ମହାପାତ୍ର – ଅରେ ଈଶ୍ୱର କଣ କହିବି ଧର୍ମାବତାର ବହିତକ ସବୁ ଠିକ୍ ଠିକ୍ ବିକ୍ରି ହୋଇଯାଉଥାନ୍ତା ତା ହେଲେ ବିଚରା ଏ ଓଡ଼ିଆ ପ୍ରକାଶକ ସାମାନ୍ୟ କେତୋଟା ଟଙ୍କା ପାଇଁ କାଠଗଡ଼ାରେ ଆସି ଠିଆ ହୋଇଥାନ୍ତା ନା ?

ଜଜ —ତଥାପି ଜଣେ ସ୍ୱର୍ଗବାସୀ ଲେଖକଙ୍କ ଉପରେ ଅଯଥା ଆରୋପ କରିବା ଯଥାର୍ଥ ମନେ ହୁଏନା ।

ମହାପାତ୍ର—ନାହିଁ ନାହିଁ ଆଜ୍ଞା ! ଆମ୍ଭ କହିବାର ଅର୍ଥ ଏହିକି ଫକୀରମୋହନ ସେନାପତିଙ୍କ ଏ ଓଡ଼ିଆ ନାଟକଟା ଲେଖିସାରନ୍ତେ । ସେ ପାଠ ପେଥାଇ ଏ ଓଡ଼ିଆ ନାଟକଟାକୁ ପଢ଼ି କହିଥାନ୍ତେ ରେ ଓଡ଼ିଆମାନେ ! ତମେ ସମସ୍ତେ ଅତି କମ୍‌ରେ ମାସକୁ ଖଣ୍ଡେ ଲେଖାଁଏ ଓଡ଼ିଆ ବହି କିଣ । ତେବେ ସେମାନେ ଆଜ୍ଞାକୁ ଅବଧାନ କରି ତାହା କରନ୍ତେ ଓଡ଼ିଆ ସାହିତ୍ୟଟା ଅନ୍ତତଃ ଆଉ କିଛିଦିନ ବଞ୍ଚି ଯାଆନ୍ତା । ଆମ୍ଭ ବକେୟା ପାଉଣା ଆମ୍ଭେ ପାଇ ଯାଆନ୍ତୁ । ଆଉ ତାଙ୍କ ଋଣଗୁଡ଼ାକ ପରିଶୋଧ ହୋଇଯାଆନ୍ତା । ସେ ଶାନ୍ତିରେ ସ୍ୱର୍ଗରେ ରହିପାରନ୍ତେ ।

ଫକୀର—ହଁ ହଁ ତାହା ଅବଶ୍ୟ ଆମ୍ଭେ କହିବୁ ।

Digitized by PPRACHIN, SOA

ଜଜ —ଅର୍ଡ଼ର ! ଅର୍ଡ଼ର ! ଗିରିଧାରୀ ମହାପାତ୍ରଙ୍କ ଆଗତ ଏହି ମୋକଦ୍ଦମାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆମ୍ଭେ ଶେଷରେ ଏହି ମୋକଦ୍ଦମାକୁ ବିନା ସର୍ତ୍ତରେ ଖାରଜ କଲୁ । ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ସାହିତ୍ୟର ପ୍ରାଣ ଓ ବିକାଶ ପାଇଁ ଯେଉଁ ଋଣ କରିଯାଇଥିଲେ ଆମ୍ଭେ ସେହି କାରଣରୁ ଯୋଗ୍ୟ ଦାୟାଦ ଭାବରେ କିଛି କିଛି ଓଡ଼ିଆ ବହି କ୍ରୟ କରି ସେହି ଋଣର ପରିଶୋଧ ପାଇଁ ଏ ଅଦାଲତ ଆଜି ସମସ୍ତ ଓଡ଼ିଆ ତଥା ଓଡ଼ିଆ ପ୍ରେମୀଙ୍କୁ ଅନୁରୋଧ କରୁଅଛି । ତତ୍ ସଙ୍ଗେ ସଙ୍ଗେ ଅଦାଲତ ଆଜି ତାର ଯାବତୀୟ ପ୍ରୋଟୋକଲ ଭଙ୍ଗ କରି ଆମ୍ଭେ ଜଣେ ଓଡ଼ିଆ ତଥା ଓଡ଼ିଆ ପ୍ରେମୀଭାବରେ ସ୍ୱର୍ଗତ ସେନାପତିଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ବିଦାୟ ଜଣାଉଛୁ (ସମ୍ମାନ ପ୍ରଦର୍ଶନ କଲେ)

ଫକୀର—ଆମ୍ଭେ ଅଦ୍ୟ ଆମ୍ଭ ଜନ୍ମବାସରରେ ଓଡ଼ିଶାର ଅଗଣିତ ଜନତାଙ୍କ ଅଭିନନ୍ଦନ ଗ୍ରହଣ କରି ସେମାନଙ୍କୁ ସର୍ବସ୍ୱତ ଆଶିଷ ପ୍ରଦାନ କରି ଏକ ଅନୁରୋଧ କରୁଅଛୁ କି ଆମ୍ଭ ଋଣ କରି ଯେଉଁ ସାହିତ୍ୟ ସେବା କରିଥିଲୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯେଉଁ ପ୍ରତିଜ୍ଞା କରିଥିଲୁ ତାହା ଏ ଯାବତ୍ ସମ୍ପୂର୍ଣ୍ଣ ହୋଇନାହିଁ । ହେ ମୋ ଆମ୍ଭର ଉତ୍ତର ପୁରୁଷ ! ଓଡ଼ିଆଭାଷୀ ଓଡ଼ିଶାବାସୀ ନରନାରୀ ମାନଙ୍କୁ ଅତି କମ୍‌ରେ ଅଭ୍ୟାସଗତ ଭାବରେ ଅନ୍ତତଃ ଖଣ୍ଡିଏ ଲେଖାଏଁ ଓଡ଼ିଆ ବହି କ୍ରୟ କଲେ ଓଡ଼ିଆ ସାହିତ୍ୟର ବିକାଶ ହେବା ସଙ୍ଗେ ସଙ୍ଗେ ଆମ୍ଭର ଆଶା ସ୍ୱପ୍ନକୁ ସାର୍ଥକ କରିପାରିଲେ ଆମ୍ଭେ ଆରପୁରରେ ଥାଇ ଶାନ୍ତି ପାଇବୁ ଏବଂ ଆମ୍ଭର ଋଣ ପରିଶୋଧ ହେଲବୋଲି ଜାଣିବୁ । ଏତଦ୍‌ ଭିନ୍ନ ପ୍ରକାଶକ ଗିରିଧାରୀ ମହାପାତ୍ର ମହାଶୟ ଆମ୍ଭଙ୍କୁ ତଥା ଓଡ଼ିଆ ସାହିତ୍ୟକୁ ସହାୟତା କରିଥିବାରୁ ପ୍ରକାଶକର ଗୁରୁତ୍ୱକୁ ଆଉ ଥରେ ପ୍ରତିପାଦନ ପୂର୍ବକ ପ୍ରକାଶକ ମହାପାତ୍ରଙ୍କୁ ସାଙ୍ଗରେ ଧରି ସ୍ୱର୍ଗ ପଥରେ ପଦାର୍ପଣ କରିବା ପାଇଁ ଆମ୍ଭଙ୍କୁ ଆଜ୍ଞା ଦେଲେ ଆମେ ଉପକୃତ ହୁଅନ୍ତୁ ।

ମହାପାତ୍ର—କଣ ହେଲା, ଆମେ ସ୍ୱର୍ଗକୁ ଯିବୁ ?

ଫକୀର – ହଁ ସାହିତ୍ୟର ପ୍ରକାଶ ପାଇଁ ଆପଣଙ୍କ ଅବଦାନ କିଛି କମ୍‌ ନୁହେଁ ଆସନ୍ତୁ ଆସନ୍ତୁ ମହାପାତ୍ରେ ।

(ଦୁହେଁ ଆସନ୍ତି ଦେବଦୂତ ଶ୍ୱେତ ଫୁଲମାଳ ଆଣି ଦୁହିଁଙ୍କ ଗଳାରେ ଲମ୍ବାଇ ଦିଅନ୍ତି । ଫକୀର ମୋହନ ଓ ମହାପାତ୍ର ଆଶୀର୍ବାଦ ମୁଦ୍ରା ତୋଳନ୍ତି କୋର୍ଟ ନତମସ୍ତକ କରେ 'ବନ୍ଦେ ଉତ୍କଳ ଜନନୀ' ଗୀତରେ ନଇଁ ଆସେ ଯବନିକା)

●

Digitized by PPRACHIN, SOA

ଏହି ନାଟ୍ୟକାରଙ୍କର ଆଉ କେତୋଟି ସଫଳ ସୃଷ୍ଟି :-

ଆଶା

ଅଧିକାର

ଅଦ୍ଭୁତଯୋଗ

ଅଭିଶାପ (ଗୀତିନାଟ୍ୟ)

ଯୋଡ଼ମଦ୍ଧୁର୍ଘ

ଅଥଚ ଅଥର୍ବ

ଦେଖଇ ନେଇ ଯାହା

ଯୁଗ ଚରିତ ବୃତ୍ତାନ୍ତ

ଅଂଧ ଆଖିର ବଂଧନ

କଣା ଭଣ୍ଡାରି

କାଳୀ ବୋହୂ

କାଉ କମାର ଉପାଖ୍ୟାନ

ଶେଷ ଦେବଙ୍କ ଶେଷଇଚ୍ଛା

ପୁଷ୍ପର ନାମ ପାରିଜାତ

ଆଇ ଏମ ସରି

ନୂଆ ସକାଳର ସୂର୍ଯ୍ୟ

ପାନେ ପାଇଲେ ସମସ୍ତେ ଜାଣ

ଭୈରବ ଭୈରବ ମହାଭୈରବ

ନଟ ନାଟକ ନଟବର

ଏବଂ ଆହୁରି ଅନେକ ଛୋଟ ବଡ ନାଟକ ଓ ଏକାଙ୍କିକା

Digitized by PPRACHIN, SOA